ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.128 Bhubaneswar Saturday July 02 2022 | ୨୫ତମ ବର୍ଷ ସଂଖ୍ୟା-୧୨୮ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଶ୍ରୀଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚିଲେ ଶ୍ରୀବିଗ୍ରହ



ପୁରୀ, ୧ ।୭(ପି.ଏନ): ଶ୍ରୀଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚିଲା ସମସ୍ତ ତିନି ରଥ। ପ୍ରଥମେ ତାଳଧ୍ୱଜ, ପରେ ଦର୍ପଦଳନ ଓ ଶେଷରେ ପହଞ୍ଚିଲା ନନ୍ଦିଘୋଷ ରଥ। ରଥଯାତ୍ରାରେ ସାମିଲ ହେବାକୁ ଆଜି ବଡଦାଣ୍ଡ ହୋଇଥିଲା ଜନାରଣ୍ୟ। ହୁଳହୁଳି ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ଭୋର ୩ଟାରୁ ମଙ୍ଗଳ ଆଳତି ସରିବା ପରେ ସକାଳ ୬ଟା ୧୫ରେ ପହଣ୍ଡି ଆରମ୍ଭ ଓ ମଧ୍ୟାହ୍ନ ୧୨ଟା ୩୫ରେ ରଥ ଭିଡା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ବେଳକୁ ସମସ୍ତ ୩ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା। ରଥଯାତ୍ରାରେ ସାମିଲ ହେବା ନିମନ୍ତେ ୭ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ପୁରୀରେ ହୋଇଛି।ଦୀର୍ଘ ଦୁଇ ବର୍ଷ ପରେ ରଥ ଟାଣିବାର ସୁଯୋଗ ପାଇ ଭକ୍ତମାନେ ବେସ୍ ଆନନ୍ଦ ଅନୁଭବ କରିଛନ୍ତି। ତେବେ ରଥ ଉପରେ ଆବଶ୍ୟକତା ଠାରୁ ଅଧିକ ସେବାୟତ ରହିଥିବାରୁ ଭକ୍ତଙ୍କୁ ଭଲ ଦିଅଁ ଦର୍ଶନ ମିଳିନି। ଯାହା ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଭକ୍ତଙ୍କୁ ଯେପରି ଭଲଭାବେ ଦିଅଁ ଦର୍ଶନ ମିଳିବ ତାହାର ବ୍ୟବସ୍ଥା ପ୍ରଶାସନ କରିବା କଥା। ହେଲେ ଶ୍ରୀମନ୍ଦିର ପ୍ରଶାସନ ବିଧିବ୍ୟବସ୍ଥା ପାଳନ ହୋଇନି। ସେବାୟତମାନେ ଶ୍ରୀବିଗ୍ରହଙ୍କ ଆଗରେ ଭିଡ କରିବା ଯୋଗୁ ଭକ୍ତଙ୍କୁ ଭଲ ଦିଅଁ ଦର୍ଶନ ମିଳିପାରିନି। ସକାଳେ ନିର୍ଦ୍ଧାରିତ ସମୟର ଢେର ଆଗରୁ ରଥ ପ୍ରତିଷ୍ଠା ହୋଇଥିଲା। ପରେ ପରେ ଘଣ୍ଟ ଘଣ୍ଟା କାହାଳୀରେ କଂପି ଉଠିଲା ଶ୍ରୀମନ୍ଦିର। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି, ପରେ ଟାହିଆ ହଲାଇ ଝୁଲି ଝୁଲି ବାଇଶି ପାହାଚ ଦେଇ ଓହ୍ଲାଇ ଆସିଥିଲେ ବଡ଼ଭାଇ ବଳଭଦ୍ର। ପରେ ପରେ ମାଆ ସୁଭଦ୍ରା, ଆଉ ଶେଷରେ ହଲିଝୁଲି ଆସିଥିଲେ କାଳିଆ ସାଆନ୍ତ। ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯିବା ପରେ ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ଅନୁଗାମୀଙ୍କ ସହ ପହଞ୍ଚିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ। ତାପରେ ଛେରାପହଁରା ନୀତି ସଂପାଦନ ପାଇଁ ଶ୍ରୀନଅରରୁ ସିଂହଦ୍ୱାର ଅଭିମୁଖେ ଆସିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ପ୍ରଥମେ ତାଳଧ୍ୱଜ, ତାପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ସୁନା ଝାଡୁରେ ଛେରାପହଁରା ସହ ବନ୍ଦାପନା କରିଥିଲେ ଗଜପତି।ଏହା ପରେ ଆରମ୍ଭ ହୋଇଥିଲା ଚାରମାଳ ଫିଟା। ଦିନ ପ୍ରାୟ ୧୨ଟା ୩୮ରେ ପ୍ରଥମେ ବଳଭଦ୍ରଙ୍କ ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ ସେବାୟତ। ଏହା ପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ, ଆଉ ଶେଷରେ ଘର୍ଘରନାଦରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଳିରେ ବଡ଼ଦାଣ୍ଡରେ ଗଡ଼ିଥିଲା କାଳିଆ ସାଆନ୍ତଙ୍କ ନନ୍ଦିଘୋଷ ରଥ। ସନ୍ଧ୍ୟା ହେବା ପୂର୍ବରୁ ସବୁ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା।ପବିତ୍ର ଘୋଷଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡରେ ବଡ଼ଠାକୁରଙ୍କୁ ଦର୍ଶନ କରିବାକୁ ଆଜି ପୁରୀ ଛୁଟି ଆସିଥିଲେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏକାଠି ହୋଇ ଦଉଡ଼ି ଧରି ରଥ ଟାଣିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଶ୍ରୀଜିଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାରେ ସାମିଲ ହୋଇଥିବାରୁ ସମସ୍ତେ ବେଶ୍ ଖୁସି ମଧ୍ୟ ଥିଲେ। ସେହିପରି ହାଇକୋର୍ଟରେ ମୁଖ୍ୟ ବିଚାରପତି ଓ ବହୁ ରାଜ୍ୟ ପ୍ରଶାସନିକ ଅଧିକାରୀ ମଧ୍ୟ ଆଜି ରଥଯାତ୍ରା ଦେଖିବାକୁ ପୁରୀ ଯାଇଥିଲେ।

## ଆଜିଠାରୁ ବିଧାନସଭା: ପ୍ରଥମ ଦିନରେ ଆସିବ ପୂର୍ଣ୍ଣାଙ୍ଗ ବଜେଟ୍

ଭୁବନେଶ୍ୱର, ୧ ।୭(ପି.ଏନ): ଆସନ୍ତାକାଲି (ଶନିବାର) ଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ। ଏଥିରେ ମୋଟ୍ ୨୪ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ। ଜୁଲାଇ ୩୦ ତାରିଖରେ ବ୍ୟୟମଞ୍ଜୁରି ବିଲ୍ ଉପସ୍ଥାପନ ହେବ। ଅଧିବେଶନ ପୂର୍ବରୁ ଗତ ବୁଧବାର ଦିନ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ଥର କୋଭିଡ୍ କଟକଣା ମଧ୍ୟରେ ବିଧାନସଭାର ଗୃହ କାର୍ଯ୍ୟ ୫ ଘଂଟା ପରିବର୍ତ୍ତେ ୬ ଘଂଟା ଯାଏ ଚାଲିବ। ସକାଳ ଅଧିବେଶନ ୧୦.୩୦ରୁ ୧.୩୦ ଓ ଅପରାହ୍ନ ଅଧିବେଶନ ୪ଟାରୁ ୭ଟା ପର୍ଯ୍ୟନ୍ତ ଚାଲିବ। କୋଭିଡ୍ ଦୃଷ୍ଟିରୁ ପୂର୍ବ ଅଧିବେଶନ ଗୁଡ଼ିକରେ ଗୃହକାର୍ଯ୍ୟ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଚାଲୁଥିବାବେଳେ ଏହାକୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଧାନସଭାର ମୌସୁମୀ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏଁ ଚାଲିବ। ଚଳିତ ମୌସୁମୀ ଅଧିବେଶନରେ ସମୁଦାୟ ୨୪ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଜୁଲାଇ ୩୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୨ରୁ ୬ ତାରିଖ ଯାଏ ଗୃହ ଚାଲିବ। ଜୁଲାଇ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ୧୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୪ ତାରିଖ ଯାଏ ଚାଲିବ। ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ ପ୍ରଥମ ଥର ପାଇଁ ଗୃହ ପରିଚାଳନା କରିବେ।ପଂଚାୟତ ଓ ପୌରଝ ନିର୍ବାଚନ ପାଇଁ ଗତ ଅଧିବେଶନରେ ୨୦୨୨-୨୩ର ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ ରାଜ୍ୟ ସରକାର ୪ ମାସିଆ କାମଚଳା ବଜେଟ ଉପସ୍ଥାପିତ କରିଥିଲେ। ତେଣୁ ଜୁଲାଇ ୩୧ ତାରିଖ ପୂର୍ବରୁ ପୂର୍ଣ୍ଣାଙ୍ଗ ବଜେଟ୍ ଗୃହର ଅନୁମୋଦନ ଲାଭ କରିବ।

## ଶ୍ରମିକ କ୍ୟାମ୍ପରେ ଚଢ଼ିଗଲା ବାଲି ବୋଝେଇ ହାଇଓ୍ୱା, ଦୁଇ ମୃତ ଓ ଦୁଇ ଆହତ

ଖୋର୍ଦ୍ଧା, ୧ ।୭(ପି.ଏନ): ୧୬ନମ୍ବର ଜାତୀୟ ରାଜପଥରେ ଠିକା ଶ୍ରମିକ କ୍ୟାମ୍ପ ଉପରେ ଏକ ବାଲି ବୋଝେଇ ହାଇଓବା ଚଢିଯିବାରୁ ଘଟଣାସ୍ଥଳରେ ଥିବା ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲାବେଳେ ଦୁଇ ଜଣ ଶ୍ରମିକ ଆହତ ହୋଇଥିବା ଜଣାପଡିଛି। ତେବେ ଆହତମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହେଲେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ମୃତକ ହେଲେ ପଶ୍ଚିମବଙ୍ଗ ବ୍ୟବଚ୍ଛେଦ ବାଦଲ ପାହାଣ ଓ କନକ ପାହାଣ ଓ ଆହତ ହେଲେ ପଶ୍ଚିମବଙ୍ଗ ମସିହାନୋଟାର ସାଗର ମଣ୍ଡଳ ଓ ଅସିମ ସରକାର। ସୂଚନା ଅନୁଯାୟୀ ଶୁକ୍ରବାର ସକାଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ଠିକା ସଂସ୍ଥାର ଶ୍ରମିକ କ୍ୟାମ୍ପରେ ଶ୍ରମିକ ମାନେ ଉପସ୍ଥିତ ଥିଲେ। ହଠାତ ଶ୍ରମିକଙ୍କ ଉପରେ ଚଢ଼ିଗଲା ବାଲି ବୋଝେଇ ହାଇଓ୍ୱା। ଘଟଣାରରେ ଦୁଇ ମୃତ। ଖବର ପାଇ ଅଗ୍ନିଶମ ବିଭାଗ ପହଂଚି ମୃତଦେହ ଉଦ୍ଧାର କରାଥିଲା। ସେହିପରି ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇ ତଦନ୍ତ ଚଳାଇଛି। ମୃତକ ହେଲେ ପଶ୍ଚିମବଙ୍ଗର ବାଦଲ ପାହାଣ ଓ କନକ ପାହାଣ। ଆହତ ହେଲେ ପଶ୍ଚିମବଙ୍ଗ ମସିହାନୋଟାର ସାଗର ମଣ୍ଡଳ ଓ ଅସିମ ସରକାର।

## ସଡ଼କ ଦୁର୍ଘଟଣାରେ ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ପରଲୋକ

ସାକ୍ଷିଗୋପାଳ, ୧ ।୭(ପି.ଏନ): ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ମୃତ୍ୟୁ ଘଟିଛି । ରଥଯାତ୍ରାର ଖବର ସଂଗ୍ରହ ପାଇଁ ଆଜି ସକାଳେ ସେ ବାଇକ୍ ଯୋଗେ ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଥିବା ବେଳେ ପୁରୀ-ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥର ସାତଶଙ୍ଖ ଫାଣ୍ଡି ନିକଟରେ ବାଇକ୍ ଟି ଏକ ଅଜଣା ଗାଡି ସହ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସ୍ୱର୍ଗତ ପଣ୍ଡା ଦୀର୍ଘ ଦିନ ଧରି ଦୈନିକ ଖବରକାଗଜ 'ସମୟ' ସହିତ ଜଡ଼ିତ ଥିଲେ । ତାଙ୍କ ମୃତ୍ୟୁରେ ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।

## ପୋଲିସ ଗାଡି ଧକ୍କାରେ ପତ୍ନୀଙ୍କ ମୃତ୍ୟୁ : ସ୍ୱାମୀ ଓ ଝିଅ ଗୁରୁତର

ଭବାନୀପାଟଣା, ୧ ।୭(ପି.ଏନ): ବାଇକ୍ କୁ ଧକ୍କା ଦେଲା ଆମପାଣି ଥାନା ଗାଡି । ପୋଲିସ ଗାଡି ଧକ୍କାରେ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଓ ଝିଅ ଗୁରୁତର ହୋଇଛନ୍ତି । ବିଜୁ ଏକ୍ସପ୍ରେସ ୱେର କୋକସରା ବ୍ଲକ ଅନ୍ତର୍ଗତ ଭୁର୍ସାଗୁଡା ନିକଟରେ ଆଜି ଘଟିଯାଇଛି ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ କୋକସରା ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଜୁଲାଇ ୨ରୁ ବିଜେପି ଜାତୀୟ କାର୍ଯ୍ୟକାରିଣୀର ଦୁଇ ଦିନିଆ ବୈଠକ

ହାଇଦ୍ରାବାଦ, ୧ ।୭(ପି.ଏନ): ଜୁଲାଇ ୨ ତାରିଖରୁ ବିଜେପି ଜାତୀୟ କାର୍ଯ୍ୟକାରିଣୀର ଦୁଇ ଦିନିଆ ବୈଠକ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଭାଗ ନେଉଛନ୍ତି। ସେମାନେ ଉଭୟ ଦିନ ଉପସ୍ଥିତ ରହିବେ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଲା ରଥ: ଜଣେ ମୃତ, ୭ ଗୁରୁତର

ଭୁବନେଶ୍ୱର, ୧ ।୭(ପି.ଏନ): ଆଜି ଥିଲା ମହାପ୍ରଭୁଙ୍କ ରଥଯାତ୍ରା। ସେଥିପାଇଁ ସବୁଠି ଉତ୍ସବ ମୁଖର ହୋଇ ଉଠିଥିଲା। ହେଲେ ଏହି ଖୁସି ଭିତରେ ବାଲେଶ୍ୱର ଜିଲ୍ଲାରୁ ଆସିଛି ଦୁଃଖଦ ଖବର। ରଥ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି।ବସ୍ତା ଥାନା ମଠସାହି ଗାଁରେ ନିର୍ଦ୍ଧାରିତ ସମୟରେ ରଥ ଟଣା ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ରଥକୁ ଟାଣି ନେଉଥିଲେ। ନାମ ସଂକୀର୍ତ୍ତନ ଓ ହୁଳହୋଳିରେ ପ୍ରକମ୍ପିତ ହେଉଥିଲା ପରିବେଶ। ଠିକ୍ ଏହି ସମୟରେ ହଠାତ୍ ଶୁଭିଲା ଚିତ୍କାର। ଏପରିକି ରଥ ଉପରେ ଥିବା ପୂଜକମାନେ ତଳକୁ ଡେଇଁ ପଡିଥିଲେ। ଆଉ ଅଟକି ଯାଇଥିଲା ମହାପ୍ରଭୁଙ୍କ ରଥ। ରଥର ଉପର ପାର୍ଶ୍ୱଟି ବିଦ୍ୟୁତ



ତାର ସଂସ୍ପର୍ଶରେ ଆସିବାରୁ ପୂଜକ ଓ ଅନ୍ୟମାନେ ଜୀବନ ବିକଳରେ ତଳକୁ ଡେଇଁ ପଡିଥିଲେ। ସମସ୍ତଙ୍କୁ ସଙ୍ଗେ ସଙ୍ଗେ ବସ୍ତା ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁଡପାଳ ଗାଁର ଅନୀଲ କୁମାର ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଅନ୍ୟ ୭ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଛି। ସେମାନଙ୍କର ଚିକିତ୍ସା ଚାଲିଛି।

## ଛତିଶଗଡ଼ : ସୁକମାରେ ପାଂଚ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ଥିବା ମାଓବାଦ ନିହତ

ସୁକମା, ୧ ।୭(ପି.ଏନ): ଜିଲ୍ଲାର ଗାଦିରାସ ପୋଲିସ ଷ୍ଟେସନ ଅନ୍ତର୍ଗତ ମମନକାପାଲର ବୋରାପାରା ଜଙ୍ଗଲରେ ଶୁକ୍ରବାର ଦିନ ପ୍ରାୟ ୧୦ଟା ସମୟରେ ନକ୍ସଲମାନେ ଡିଆରଜି ଯବାନଙ୍କ ସହ ମୁହାଁମୁହିଁ ହୋଇଥିଲେ, ଯେଉଁଥିରେ ପାଂଚ ଲକ୍ଷ ପୁରସ୍କାର ଥିବା ମାଓବାଦୀ ମୃତ୍ୟୁବରଣ କରିଛି।ଏହି ଏନକାଉଂଟର ସମ୍ପର୍କରେ ସୂଚନା ଦେଇ ବସ୍ତର ଆଇଜି ସୁନ୍ଦରରାଜ ପି. କହିଛନ୍ତି ଯେ, ପାଂଚଲକ୍ଷ ପୁରସ୍କୃତ ନକ୍ସଲାଇଟ୍ ନକ୍ସଲମାନଙ୍କ ଦର୍ଭା ଡିଭିଜନ ଅଧୀନରେ ଥବବା ମଲାଙ୍ଗିର ଏରିଆ କମିଟିର ସକ୍ରିୟ ସଦସ୍ୟ ଥିବା ପୁରୁଷ ନକ୍ସଲମାନଙ୍କୁ ପୋଲିସ ହତ୍ୟା କରିଛି। କମଲେଶଙ୍କ ମୃତଦେହ ସହିତ ଅସ୍ତ୍ରଶସ୍ତ୍ର ଏବଂ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି । ସମସ୍ତ ଡିଆରଜି କର୍ମଚାରୀ ସୁରକ୍ଷିତ ଅଛନ୍ତି, ସର୍ଚ୍ଚ ଅପରେସନ ଜାରି ରହିଛି।

## ବଙ୍ଗୋପସାଗରରେ ଲଘୁଚାପ, ୪ରୁ ଓଡିଶାରେ ବର୍ଷା



ଭୁବନେଶ୍ୱର, ୧ ।୭(ପି.ଏନ): ଆସନ୍ତା ଜୁଲାଇ ୪ ତାରିଖ ସୁଦ୍ଧା ଉତର ଓଡ଼ିଶା ଏବଂ ତତ୍‌ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟରସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଥିବା ବେଳେ ୧୨ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଂଜ, ଦେବଗଡ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, କଟକ, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ପ୍ରଭୃତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି।ସେହିପରି ୨ରୁ ୩ ତାରିଖ ମଧ୍ୟରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ବରଗଡ, ସୁନ୍ଦରଗଡ, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡା, ଅନୁଗୁଳ, ଢେଙ୍କାନାଳ,କେନ୍ଦୁଝର, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାରଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଜୁନ୍ ୨୦୨୨ରେ ୧,୪୪,୬୧୬ କୋଟି ଟଙ୍କାର ସମୁଦାୟ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ, ୧ ।୭(ପି.ଏନ):ଜୁନ୍ ୨୦୨୨ରେ ସମୁଦାୟ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ୧,୪୪,୬୧୬ କୋଟି ଟଙ୍କା ରହିଛି, ଯେଉଁଥିରେ ସିଜିଏସ୍‌ଟିର ପରିମାଣ ୨୫,୩୦୬ କୋଟି ଟଙ୍କା , ଏସ୍ ଜିଏସ୍‌ଟିର ପରିମାଣ ୩୨,୪୦୬ କୋଟି ଟଙ୍କା, ଆଇଜିଏସ୍‌ଟିର ପରିମାଣ ୭୫,୮୮୭ କୋଟି ଟଙ୍କା (ମାଲ୍ ଆମଦାନୀ ଉପରେ ସଂଗୃହୀତ ୪୦,୧୦୨ କୋଟି ଟଙ୍କା ସମେତ) ଏବଂ ସେସ୍ (ମାଲ୍ ଆମଦାନୀ ଉପରେ ସଂଗୃହୀତ ୧୧୯୭ କୋଟି ଟଙ୍କା ସହିତ) ୧୧,୦୧୮ ଟଙ୍କା ରହିଛି। ଜୁନ୍ ୨୦୨୨ରେ ସମୁଦାୟ ଜିଏସ୍‌ଟି ସଂଗ୍ରହ ଏପ୍ରିଲ୍ ୨୦୨୨ର ୧,୬୭,୫୪୦ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ପରେ ଦ୍ୱିତୀୟ ସର୍ବାଧିକ ଜିଏସ୍‌ଟି ସଂଗ୍ରହ ଅଟେ ।ସରକାର ଆଇଜିଏସ୍‌ଟିରୁ ୨୯,୫୮୮ କୋଟି ଟଙ୍କା ସିଜିଏସ୍‌ଟି ବାବଦକୁ ଏବଂ ୨୪,୨୩୫ କୋଟି ଟଙ୍କା ଏସ୍‌ଜିଏସ୍‌ଟି ବାବଦକୁ ବନ୍ଦୋବସ୍ତ କରିଛନ୍ତି । ଏହା ସହିତ, କେନ୍ଦ୍ର ସରକାର ମଧ୍ୟ ଅସ୍ଥାୟୀ ଭିତିରେ ୫୦:୫୦ ଅନୁପାତରେ ଆଇଜିଏସ୍‌ଟିର ୨୭,୦୦୦ କୋଟି ଟଙ୍କାକୁ କେନ୍ଦ୍ର ଏବଂ ରାଜ୍ୟ / କେନ୍ଦ୍ର ଶାସିତ ଅଂଚଳ ମାନଙ୍କ ମଧ୍ୟରେ ବଂଟନର ବନ୍ଦୋବସ୍ତ କରିଛନ୍ତି। ନିୟମିତ ଏବଂ ଅସ୍ଥାୟୀ ବନ୍ଦୋବସ୍ତ ପରେ ଜୁନ୍ ୨୦୨୨ରେ କେନ୍ଦ୍ର ଏବଂ ରାଜ୍ୟ ଗୁଡିକର ସମୁଦାୟ ରାଜସ୍ୱ ସିଜିଏସ୍‌ଟି ନିମନ୍ତେ ୬୮,୩୯୪ କୋଟି ଟଙ୍କା ଏବଂ ଏସ୍‌ଜିଏସ୍‌ଟି ନିମନ୍ତେ ୭୦,୧୪୧ କୋଟି ଟଙ୍କା ରହିଛି । ଜୁନ୍ ୨୦୨୨ରେ ସଂଗୃହୀତ ରାଜସ୍ୱ ଗତ ବର୍ଷର ଏହି ମାସରେ ଆଦାୟ ହୋଇଥିବା ଜିଏସ୍‌ଟିର ପରିମାଣ ୯୨,୮୦୦ କୋଟି ଟଙ୍କା ତୁଳନାରେ ୫୬% ଅଧିକ ଅଟେ। ଏହି ମାସରେ, ଆମଦାନୀରୁ ସଂଗୃହୀତ ରାଜସ୍ୱ ୫୫% ଅଧିକ ରହିଥିଲା ଏବଂ ଘରୋଇ ଦେଣନେଣ (ସେବା ଆମଦାନୀ ସହିତ) ରାଜସ୍ୱ ଗତ ବର୍ଷର ଏହି ମାସରେ ଏହି ସ୍ରୋତ ଗୁଡିକରୁ ସଂଗୃହୀତ ରାଜସ୍ୱ ତୁଳନାରେ ୫୬% ଅଧିକ ଅଟେ। ଜିଏସ୍‌ଟି ଲାଗୁ ହେବା ପରେ ଏହା ପଂଚମ ଥର ପାଇଁ ହୋଇଛି, ଯେତେବେଳେ ମାସିକ ଜିଏସ୍‌ଟି ସଂଗ୍ରହ ୧.୪୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ମାର୍ଚ୍ଚ ୨୦୨୨ ପର ଠାରୁ ଏହା ଚତୁର୍ଥ ମାସ ଅଟେ। ଜୁନ୍ ୨୦୨୨ରେ ଜିଏସ୍‌ଟି ସଂଗ୍ରହ ଦ୍ୱିତୀୟ ସର୍ବାଧିକ ହେବା ସହିତ, ଏହା ଅତୀତରେ ଦେଖିବାକୁ ମିଳୁଥିବା ସବୁଠାରୁ କମ୍ ସଂଗୃହୀତ ମାସ ହେବାର ଧାରାକୁ ଭାଙ୍ଗି ଦେଇଛି। ମେ' ୨୦୨୨ରେ ସମୁଦାୟ ଇ – ୱେ ବିଲ୍ ଗୁଡିକର ସଂଖ୍ୟା ୭.୩ କୋଟି ଥିଲା, ଯାହା ଏପ୍ରିଲ୍ ୨୦୨୨ରେ ଉତ୍ପନ୍ନ ହୋଇଥିବା ୭.୪ କୋଟି ଇ – ୱେ ବିଲ୍ ତୁଳନାରେ ୨% କମ୍ ଅଟେ। ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ନିମନ୍ତେ ମାସିକ ହାରାହାରି ସମୁଦାୟ ଜିଏସ୍ ?ଟି ସଂଗ୍ରହ ୧.୫୧ ଲକ୍ଷ କୋଟି ଟଙ୍କା ରହିଛି, ଯାହା ଗତ ବିତୀୟ ବର୍ଷର ପ୍ରଥମ ତ୍ରୈମାସିକରେ ସଂଗୃହୀତ ୧.୧୦ ଲକ୍ଷ କୋଟି ଟଙ୍କାର ମାସିକ ସଂଗ୍ରହ ତୁଳନାରେ ୩୭% ବୃଦ୍ଧିକୁ ଦର୍ଶାଇଥାଏ । ବିତୀୟ ସଂସ୍କାର ସହିତ ଚୋରିକୁ ରୋକିବା ନିମନ୍ତେ କାର୍ଯ୍ୟକଳାପ, ବିଶେଷ ରୂପରେ ନକଲି ବିଲର୍ସ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜିଏସ୍‌ଟିକୁ ବୃଦ୍ଧି କରିବା କ୍ଷେତ୍ରରେ ଯୋଗଦାନ ଦେଇଛି। ଏହି ମାସରେ ସମୁଦାୟ ସେସ୍ ସଂଗ୍ରହ ଜିଏସ୍‌ଟି ଲାଗୁ ହେବା ପରେ ସର୍ବାଧିକ ଅଟେ। ନିମ୍ନରେ ଦିଆ ଯାଇଥିବା ଚାର୍ଟ ୨୦୧୭ – ୧୮ ରୁ ମାସିକ ସମୁଦାୟ ଜିଏସ୍‌ଟି ରାଜସ୍ୱ ସଂଗ୍ରହର ଧାରାକୁ ଦର୍ଶାଇ ଥାଏ। ଏହି ଟେବୁଲ୍ ଜୁନ୍ ୨୦୨୧ ତୁଳନାରେ ଜୁନ୍ ୨୦୨୨ ମଧ୍ୟରେ ପ୍ରତ୍ୟେକ ରାଜ୍ୟରେ ସଂଗ୍ରହ କରା ଯାଇଥିବା ଜିଏସ୍‌ଟିର ରାଜ୍ୟ ସ୍ତରୀୟ ସଂଖ୍ୟାକୁ ଦର୍ଶାଇଥାଏ।

## ରାଜଧାନୀରେ ୭୦ କୋଭିଡ୍ ପଜିଟିଭ୍

ଭୁବନେଶ୍ୱର, ୧ ।୭(ପି.ଏନ): ରାଜଧାନୀରେ ବଢୁଛି କୋଭିଡ୍ ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୭୦ ଜଣ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୫୭ ହଜାର ୩୨୧ ଲୋକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୫ ହଜାର ୮୦୦ ଜଣ ସୁସ୍ଥ ହୋଇଛନ୍ତି।

### ଫ୍ୟାକ୍ଟ ଚେକରର ହାଜତ ମାମଲାରେ ହାଇକୋର୍ଟ ଦିଲ୍ଲୀ ପୋଲିସ୍ ଠାରୁ ଦୁଇ ସପ୍ତାହରେ ମାଗିଲା ଜବାବ

ନୂଆଦିଲ୍ଲୀ, ୧ ।୭(ପି.ଏନ): ଦିଲ୍ଲୀ ହାଇକୋର୍ଟ ଫ୍ୟାକ୍ଟ ଚେକର ୱେବସାଇଟ୍ ଅଲ୍ଟ ନ୍ୟୁଜର ସଂସ୍ଥାପକ ମୋହମ୍ମଦ ଜୁବୈରଙ୍କ ପୋଲିସ୍ ହାଜତ ବିରୋଧରେ ଦାୟର ଆବେଦନ ଉପରେ ବର୍ତ୍ତମାନ କୌଣସି ଆଶ୍ୱାସନା ଦିଆଯାଇ ନାହିଁ। ଜଷ୍ଟିସ୍ ସଞ୍ଜୀବ ନରୁଲାଙ୍କ ଭେକେଶନ ବେଂଚ ଦିଲ୍ଲୀ ପୋଲିସ୍‌କୁ ନୋଟିସ୍ ଜାରି କରି ଦୁଇ ସପ୍ତାହରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ଆସନ୍ତା ଶୁଣାଣୀ ୨୭ ଜୁଲାଇକୁ ହେବ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୁଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା କ୍ରିତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ଓ୍ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

# ବିବାଦରେ ଟେରେସାଙ୍କ ଏନ୍‌ଜିଓ





୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ୟାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚାଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ୟାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚ୍ୟାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ୟାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚ୍ୟାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ଓ୍ୱାର୍ଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିଓ୍ୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ୟାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ୟାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ୟାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ୟାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ୟାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ୟାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚାରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଳିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ୟାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା। (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁକ୍ତି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୃଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟୀତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।




# ରଥଯାତ୍ରା ପାଇଁ ଇମାମୀ ନଗର ଲୋକାରଣ୍ୟ : ଶ୍ରଦ୍ଧାଳୁଙ୍କ ଭାବ ଦଉଡ଼ିରେ ବନ୍ଧା ହେଲେ ଜଗନ୍ନାଥ

ରେମୁଣା ,(ପି.ଏନ): ବାଲେଶ୍ୱର ଜିଲ୍ଲାସ୍ଥିତ ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ଇମାମୀନଗର ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉତ୍ସବ ଲକ୍ଷାଧିକ ଭକ୍ତମାନଙ୍କ ସମାବେଶରେ ହିନ୍ଦୁମାନଙ୍କର ହୃଦୟର ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀ ଓ ସୁଦର୍ଶନଙ୍କ ଗହଣରେ ରଥାରୂଢ଼ ହୋଇ ଗୁଣ୍ଡିଚା ମନ୍ଦରକୁ ବିଜେ କରିଛନ୍ତି । ଭକ୍ତମାନଙ୍କର ଭିଡ଼ରେ ଘଣ୍ଟ, ଘଣ୍ଟା, କାହାଳି, ମୃଦଙ୍ଗର ତାଳେତାଳେ ଶଙ୍ଖ ଧ୍ୱନିରେ ମାଙ୍ଗଳିକ ପରିବେଶରେ ଭକ୍ତମାନଙ୍କର ଜୟଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା । ଇମାମୀ ନଗର ବଡ଼ଦାଣ୍ଡ ତିନି ଠାକୁରଙ୍କ ପହଣ୍ଡିବିଜେ ଓ ରଥାରୁଢ଼ ଶ୍ରୀଜୀଉମାନଙ୍କର ଟିକିଏ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଧରି ଅପଲକ ନୟନରେ ଚାହିଁ ରହିଥିବା ଭକ୍ତଗଣ, ସତେ ଯେପରି ମୁହୁର୍ତ୍ତକ ପାଇ ଚତୁର୍ଦ୍ଧା ମୂର୍ତ୍ତିକୁ ଦିବ୍ୟ ଦର୍ଶନରେ ସେମାନଙ୍କର ଜନ୍ମ ଜନ୍ମାନ୍ତର ଧରିଥିବା ଆଶା ଆକାଂକ୍ଷା ପରିପୂର୍ଣ୍ଣ ହୋଇ ଯାଉଥିଲା । ରଥ, ପଥ, ମତ, ଭକ୍ତ ସବୁ ଏକାକାର ହୋଇଯାଉଥିଲା ଇମାମୀ ନଗରର ପବିତ୍ର ଘୋଷ ଯାତ୍ରାରେ । ଇମାମୀ ନଗର ବଡ଼ଦାଣ୍ଡର ଧୂଳି ଚନ୍ଦନ ହୋଇ ଲେପି ହୋଇ ଯାଉଥିଲା ଭକ୍ତମାନଙ୍କର କପାଳରେ । ଆଜି ପ୍ରଭାତରେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ମନ୍ଦିରର ମୁଖ୍ୟ ପୂଜକ ଶ୍ରୀ ପ୍ରଦୀପ୍ତ କୁମାର ମିଶ୍ର ରଥ ପ୍ରତିଷ୍ଠା, ଶ୍ରୀଜୀଉଙ୍କର ବେଶ ଓ ଆଜ୍ଞାମାଳ ଅର୍ପଣ ପରେ ମଙ୍ଗଳାର୍ପଣ, ଧାଡ଼ି ପହଣ୍ଡି, ଟାହିଆ ଲାଗି ପ୍ରଭୃତି ରୀତିନୀତି ପୂଜାର୍ଚ୍ଚନା ନିଷ୍ଠାର ସହିତ ଆରମ୍ଭ କରିଥିଲେ । ଦିବା ୧୦.୪୯ ଘଟିକା ସମୟରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୨ଘ. ୫ମିନିଟ ସମୟରେ ଛେରାପହଁରା ସମାପନ ହୋଇଥିଲା । ଅପରାହ୍ନ ୪ଘ. ୩ମିନିଟ୍ ସମୟରେ ବହୁ ପ୍ରତୀକ୍ଷିତ, ଭାବବିନୋଦିଆ କଳାଠାକୁର, ବଡ଼ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ସୁସଜ୍ଜିତ ରଥରେ ଭକ୍ତମାନଙ୍କର ଗହଳିରେ ପ୍ରକମ୍ପିତ ରଥଦାଣ୍ଡରେ ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କର ରଥ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତୀ ଅର୍ପଣ କରି ଶୋଭା ପଟୁଆରରେ ରତ୍ନବେଦୀକୁ ନିଆଯାଇଥିଲା । ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମାପିତ ହୋଇଛି । ଭକ୍ତଙ୍କର ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଓ ଇମାମୀ ସୁରକ୍ଷାକର୍ମୀଙ୍କୁ ନିୟୋଜନ କରାଯାଇଥିଲା । ସକାଳ ଠାରୁ ରାତ୍ରୀ ପର୍ଯ୍ୟନ୍ତ ମନ୍ଦିର ପକ୍ଷରୁ ଆନନ୍ଦ ବଜାରରେ ଭକ୍ତମାନଙ୍କୁ ପ୍ରସାଦସେବନର ସୁବନ୍ଦୋବସ୍ତ କରାଯାଇଥିଲା ଉପରୋକ୍ତ ରଥଯାତ୍ରା ଉତ୍ସବରେ ଭାରତବର୍ଷର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଜଗନ୍ନାଥପ୍ରେମୀ ଭକ୍ତଗଣ ବିଭିନ୍ନ ଢଙ୍ଗରେ ଘଣ୍ଟ ଓ ବାଦ୍ୟର ତାଳେତାଳେ ଉନ୍ମାଦିତ ହୋଇ ତାଙ୍କର ଭାବାବେଗର ବର୍ହିପ୍ରକାଶ କରିଥିଲେ । ସେହିପରି କଲିକତା ସ୍ଥିତ ହାଇଭ୍ ଇଣ୍ଡିଆ ସଂସ୍ଥାନର ଡାକ୍ତର ଓ ତାଙ୍କର ଟିମ୍ ଏବଂ ଇମାମୀ ପେପର ମିଲ୍‌ର ସ୍ୱାସ୍ଥ୍ୟ ଅଧିକାରୀ ଡ. ଓମ୍‌କାର ମହାପାତ୍ର, ବରିଷ୍ଠ ଫାର୍ମାସିଷ୍ଟ ଅକ୍ଷୟ କିଶୋର ଦାସଙ୍କ ତତ୍ତ୍ୱାବଧାନରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ତଥା ବାଲେଶ୍ୱର ମୁଖ୍ୟଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ରାମଚନ୍ଦ୍ର କିସ୍‌କୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ପରିମିତ କରିଥିଲେ । ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା, ସି.ସି. କ୍ୟାମେରା, ଜଳସିଞ୍ଚନ ସାଙ୍ଗକୁ ସ୍ଥାନୀୟ ରେମୁଣା ପୋଲିସ୍ ପ୍ରଶାସନପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ରୂପେ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପୃଷ୍ଠପୋଷକ ଶ୍ରୀ ରାଧାଶ୍ୟାମ ଅଗ୍ରୱାଲ୍ ଓ ଶ୍ରୀ ରାଧାଶ୍ୟାମ ଗୋୟେଙ୍କାଙ୍କ ନିର୍ଦ୍ଦେଶରେ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ଉପରୋକ୍ତ କାର୍ଯ୍ୟକ୍ରମରେ ଇମାମୀ ଗ୍ରୁପ୍‌ର ସ୍ଥାୟୀ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିବେକ୍ ଚାଓ୍ୱଲା ତଥା ସ୍ଥାନୀୟ ମନ୍ଦିରର ପ୍ରଶାସନିକ ଅଧିକାରୀ ନିଖିଲ ରଞ୍ଜନ ଦାସସାମନ୍ତରାୟ ଏବଂ ସ୍ଥାନୀୟ କାଗଜକଳର ଉପଦେଷ୍ଟା ଏମ୍.ବି.ଏସ୍. ନାୟାର, ସଭାପତି ଆଶୀଷ ଅବିନାଶ ଗୁପ୍ତା, ମୁଖ୍ୟ ସଂଚାଳକ ଡ. ୟୁସୁଫ୍ ଅଲ୍ଲୀ ସୋଲାଙ୍କି, ମୁଖ୍ୟ ସଞ୍ଚାଳକ ରାଜେଶ କୁମାର ମିତ୍ତଲ୍ ତଥା ଡି.ଜି.ଏମ୍. ଦେବବ୍ରତ ହୋତା, ଡି.ଜି.ଏମ୍. ରମେଶ ଚନ୍ଦ୍ର ଖୁଣ୍ଟିଆ, ଏ.ଜି.ଏମ୍ ଓମ୍ ପ୍ରକାଶ ଶର୍ମା ମନ୍ଦିରର ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ ଦ୍ୱାରା କାର୍ଯ୍ୟସମ୍ପନ୍ନ ହୋଇଥିବା ଜଣାପଡ଼ିଛି । ଏ ସଂପର୍କରେ ମନ୍ଦିର ପ୍ରଶାସନ ପକ୍ଷରୁ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍ ବିବୃତ୍ତିରେ ପ୍ରକାଶ କରିଛନ୍ତି । ଏହି ରଥ ଉତ୍ସବରେ ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ୍ ଚେୟାରମ୍ୟାନ୍ ଶ୍ରୀ ରାଜେନ୍ଦ୍ର ରାଉତ୍, ପୂର୍ବାଞ୍ଚଳ ପୋଲିସ୍ ନିରୀକ୍ଷକ ଶ୍ରୀ ହିମାଂଶୁଲାଲ୍, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଓସାହେବ ସିନ୍ଧେ, ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁଶେଖର ମିଶ୍ର, ନୀଳଗିରି ଏସ୍.ଡି.ପି.ଓ. ଶ୍ରୀ ରିତେଶ ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦାନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଅନୁରୂପ ଭାବେ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଜୁଲାଇ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ଅପରାହ୍ନ ୪.୩୦ରୁ ୮ ଘଟିକା ମଧ୍ୟରେ ବୃନ୍ଦାବନରୁ ଆସୁଥିବା ବିଶିଷ୍ଟ ଆଧ୍ୟାତ୍ମିକ ସଂସ୍ଥାନର ଶ୍ରୀ ଧ୍ରୁବଜୀ ଏବଂ ସ୍ୱର୍ଣ୍ଣଶ୍ରୀଜୀଙ୍କ ଦ୍ୱାରା ଭାଗବତ କଥା ଅନୁଷ୍ଠିତ ହେବା ସାଙ୍ଗକୁ ରାସ ଲୀଳା, ଇମାମୀ କଲୋନୀର ଲେଡ଼ିଜ୍ କ୍ଲବ୍ ପକ୍ଷରୁ ମହିଳାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସଂକୀର୍ତ୍ତନ, କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ କାର୍ଯ୍ୟକ୍ରମ, ଦାଣ୍ଡିଆ ନୃତ୍ୟ, ରଙ୍ଗୋଲି, ଦୀପ ପ୍ରଜ୍ୱଳନ ସହିତ ହେରାପଞ୍ଚମୀରେ ମହାଲକ୍ଷ୍ମୀଙ୍କ ଦ୍ୱାରା ରଥଭଙ୍ଗା କାର୍ଯ୍ୟକ୍ରମ ଭଳି ବହୁ ଚିତ୍ତାକର୍ଷକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଗୁଣ୍ଡିଚା ମନ୍ଦିର ମେଳା ପଡ଼ିଆରେ ଅନୁଷ୍ଠିତ ହେବ । ଜୁଲାଇ ୯ ତାରିଖ ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ସମ୍ପନ୍ନ ସାଙ୍ଗକୁ ଅପରାହ୍ନ ୧୧.୩୪ରେ ଶ୍ରୀଜୀଉମାନଙ୍କର ଧାଡ଼ି ପହଣ୍ଡି, ଅପରାହ୍ନ ୨.୨୫ମି.ରେ ଛେରାପହଁରା, ଅପରାହ୍ନ ୩.୩୩ମି.ରେ ବାହୁଡ଼ାଯାତ୍ରା ଓ ରଥଟଣା ଅନୁଷ୍ଠିତ ହେବ । ରାତ୍ର ୮ ଘଟିକାରେ ରଥମାନଙ୍କର ସିଂହଦ୍ୱାର ବିଜେ ଏବଂ ଅଧରପଣା ନୀତି ସମ୍ପନ୍ନ ହେବ । ରାତ୍ର ୯.୦୦ମି.ରେ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କର ରତ୍ନସିଂହାସନକୁ ବିଜେ କରିବେ । ଜୁଲାଇ ୧୦ତାରିଖ ରବିବାର ସମସ୍ତ ରୀତିନୀତି ସମ୍ପନ୍ନ ପରେ ସକାଳ ୮.୩୦ଘଟିକାରେ ସୁନାବେଶରେ ମହାପ୍ରଭୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ।

# ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର ,(ପି.ଏନ): ଇଣ୍ଡିଆନ୍ ଭେଟେରାନ୍ସ ଅର୍ଗାନାଇଜେସନ ପକ୍ଷରୁ ରାଜ୍ୟ ସଭାପତି ଅଶୋକ କୁମାର ଜେନାଙ୍କ ସହ ବାଲେଶ୍ୱର ଜିଲ୍ଲା ସଚିବ ଏଲଡ଼ି ପ୍ରଧାନ, ଜିଲ୍ଲା ସଂଯୋଜକ ଏନପି ନାୟକ ଏବଂ ବିସି ସାହୁ, ଏଲ ଏନ୍ ସାହୁ, ପ୍ରମୋଦ,ସୁଶାନ୍ତ ମଣ୍ଡଳ, ଆରେକ୍ ସେନାପତି ଏବଂ ଏସ୍ ମଲ୍ଲିକ ପ୍ରମୁଖ ଗୁରୁବାର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଓ ସଙ୍ଘର ଟୋପି ପ୍ରଦାନ କରି ସ୍ୱାଗତ ଜଣାଇଛନ୍ତି । ରାଜ୍ୟ ସଭାପତି ଭେଟେରାନସ ମାନଙ୍କ କଲ୍ୟାଣ କୁ ନେଇ ସଂକ୍ଷିପ୍ତ ସୂଚନା ଦେଇଥିବା ବେଳେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ପ୍ରତିସୃତି ଦେଇଛନ୍ତି । ଜିଲ୍ଲାପାଳଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । ପୂର୍ବରୁ ଜିଲ୍ଲା ସୈନିକ ବୋର୍ଡ଼ରେ କର୍ମଚାରୀଙ୍କ ସମସ୍ୟାକୁ ନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଯାହା ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତିନୋଟି ଜିଲ୍ଲାର ଭେଟେରାନ୍ସ ମାନଙ୍କ କାମ କରିବା ସ୍ଥାନଟି ବହୁତ ଛୋଟ ହୋଇଛି । ଜିଲ୍ଲାପାଳଙ୍କ ଅଫିସରେ ଭେଟେରାନ୍ସଙ୍କ ପାଇଁ ଗୋଟିଏ ଅଭିଯୋଗ ସେଲ୍ ଆବଶ୍ୟକ । ଭେଟେରାନ୍ସଙ୍କ କାର୍ଯ୍ୟାଳୟ ତଥା ସମସ୍ତ ସୁବିଧାର ପ୍ରତିଷ୍ଠା ପାଇଁ ଜିଲ୍ଲା ସଦର ମହକୁମାରେ ଏକ ଜମିର ଆବଶ୍ୟକତା ଥିବାର ପ୍ରସ୍ତାବ ଦିଆଯାଇଛି । ଭେଟେରାନ୍ସ ସମସ୍ୟାର ପ୍ରାଥମିକତା ପାଇଁ ଜିଲ୍ଲାର ସମସ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଜିଲ୍ଲା ସଦର ମହକୁମାରେ ଏକ ସହିଦ ସ୍ତମ୍ଭ ନିର୍ମାଣ ସହିତ ସହିତ ସହିଦ୍‌ଙ୍କ ଗ୍ରାମରେ ମଧ୍ୟ ନିର୍ମାଣ ବାବଦରେ ଆଲୋଚନା ହୋଇଛି ।

# ଅନୁଗୋଳ ଜିନ୍ଦଲ ନଗର ଦେବଭୂମି ପରିସରରେ ରଥ ଯାତ୍ରା : ଗୋଷ୍ଠୀ ସମୁଦାୟଙ୍କ ବହୁଳ ଯୋଗଦାନ



ଅନୁଗୋଳ,(ପି.ଏନ): ହଜାର ହଜାର ସଂଖ୍ୟାରେ ଜିନ୍ଦଲ ନଗର ଶ୍ରଦ୍ଧାଳୁ ଏବଂ ପାର୍ଶ୍ୱବର୍ତୀ ଗ୍ରାମବାସୀ ମାନେ ଜିନ୍ଦଲ ନଗର ପରିସରସ୍ଥ ଦେବଭୂମି ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ରଥ ଯାତ୍ରାରେ ସାମିଲ ହୋଇଥିଲେ କ୍ଷ ଏହି ଅବସରରେପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପୋଦଳନ ଏବଂ ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପ୍ରଭୁଙ୍କ ବାର୍ଷିକ ଯାତ୍ରାନିମନ୍ତେଜିନ୍ଦଲ ନଗର ମଧ୍ୟରେ ଅବସ୍ଥିତ ଥିବା ମାଉସୀ ମା ମନ୍ଦିରଅଭିମୁଖେ ବାହାରି ଥିଲେକ୍ଷ ମନ୍ଦିରର ଆଦ୍ୟ ସେବକ ଏବଂ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାରର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କସମ୍ପୂର୍ଣ୍ଣ ପରିବାର ଏହି ରଥ ଯାତ୍ରାରେଯୋଗଦେବା ସହପହଣ୍ଡି ସେବା ଏବଂ ଛେରାପହଁରା ନୀତି ସଂପନ୍ନ କରିଥିଲେ । ଏହି ପବିତ୍ର ଦିବସରେ ଯୋଗଦାନ କରି ଶ୍ରୀ ନବୀନ ଜିନ୍ଦଲସମସ୍ତଙ୍କୁ ତାଙ୍କ ଶୁଭେଚ୍ଛା ଜଣାଇବା ସହ ପ୍ରକାଶ କରିଥିଲେ ଯେ, ଛେରା ପହଁରା ନୀତି ସଂପନ୍ନ କରି ମୁଁ ଅତ୍ୟନ୍ତ ବିନମ୍ର ଏବଂ ଭାଗ୍ୟଶାଳୀ ମନେ କରୁଅଛି କ୍ଷ ମୁଁ ସର୍ବ ନିୟନ୍ତାଙ୍କ ନିକଟରେ ପ୍ରାର୍ଥନା କରୁଅଛି,ଆମ୍ଭ ସମସ୍ତଙ୍କୁ ସମାଜ ସେବା କରିବା ନିମନ୍ତେ ଆଶୀର୍ବାଦ ପ୍ରଦାନ କରନ୍ତୁ ଏବଂ ସମସ୍ତଙ୍କୁ ମୋର ରଥ ଯାତ୍ରାର ହାର୍ଦ୍ଦିକ ଅଭିନନ୍ଦନ । ପୁରୀ ମନ୍ଦିରର ବୈଦିକ ନୀତି ଅନୁସାରେ ପାଳନ କରାଯାଇଥିବା ଏହି ପବିତ୍ର କାର୍ଯ୍ୟକ୍ରମଟି ପ୍ରାତଃ ୪.୩୦ ଘଟିକାରୁ ପୁରୋହିତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୂଜା ନୀତି ଯଥା,ମଣିମା ଡାକ, ଦ୍ୱାର ଫିଟା, ମଙ୍ଗଳ ଆରତୀ, ମଇଲମ, ତଡପଲାଗି, ଅବକାଶ ନୀତି, ଇତ୍ୟାଦି ସହିତ ଆରମ୍ଭ କରାଯାଇଥିଲା ।ଜେଏସପିଏଲ ଫାଉଣ୍ଡେସନ ଅଧ୍ୟକ୍ଷକ୍ଷଶ୍ରୀମତୀ ଶାଲୁ ଜିନ୍ଦଲ ପ୍ରାତଃ କାଳରେ ସକାଳର ନୀତି-କାନ୍ତି ନିର୍ବାହ କରିବା ସହ ସ୍ୱତନ୍ତ୍ର ପୂଜା ଯଥା, ରଥ ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ନୀତି ସଂପୂର୍ଣ ଶ୍ରଦ୍ଧା ଏବଂ ଭକ୍ତିର ସହ ମନ୍ଦିରର ମୁଖ୍ୟ ପୁରୋହିତଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରିଥିଲେକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ମାତା ଏବଂ ଓପି ଜିନ୍ଦଲ ଗୃପର ଚେୟାରମ୍ୟାନ ଏମିରେଟ୍ସ ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ଏହି ସ୍ୱତନ୍ତ୍ର ପୂଜା ବିଧି କାର୍ଯ୍ୟକ୍ରମରେ ସାମିଲ ହେବା ସହ ଜିନ୍ଦଲ ନଗରରେ ଆୟୋଜିତ ହୋଇଥିବା ପ୍ରଥମ ରଥ ଯାତ୍ରା ଦେଖିବାର ସୌଭାଗ୍ୟ ପ୍ରାପ୍ତକରିଥିଲେ । ଦେବୀ ଶୁଭଦ୍ରାଙ୍କ ଦର୍ପୋଦଳନ ରଥକୁ ବାଳିକା ଏବଂ ମହିଳାମାନେ ସଂପୂର୍ଣ ଉତ୍ସାହ ସହ ଟାଣିବା ଥିଲା ଏହି ରଥ ଯାତ୍ରାର ସ୍ୱତନ୍ତ୍ର ବିଶେଷତା ।ଏହି ଉତ୍ସବରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାରର ଶୀର୍ଷ ଅଧିକାରୀ ଯଥା, ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଭି.ଆର.ଶର୍ମା , ଇସ୍ପାତ ବ୍ୟବସାୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଦିନେଶ କୁମାର ସରୋଗୀ,ସିଏଚ୍‌ଆରଓ ଶ୍ରୀ ପଙ୍କଜ ଲୋଚନ,ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ, ଶ୍ରୀ ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ବନ୍ଦୋପାଧାୟ ଏବଂ ଶ୍ରୀ ଦାମୋଦର ମିତ୍ତଲ, ଅନ୍ୟାନ୍ୟ କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗଙ୍କ ସହ ସଂଖ୍ୟାଧିକ ଶ୍ରଦ୍ଧାଳୁ ରଥ ଟାଣିବାର ସୌଭାଗ୍ୟ ଲାଭ କରିଥିଲେଏବଂଅନ୍ନ ପ୍ରସାଦ ସେବନ କରିଥିଲେ । ଏହି ରଥ ଯାତ୍ରାକୁ ଶ୍ରଦ୍ଧାଳୁଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ଫେସବୁକ ଏବଂ ୟୁଟ୍ୟୁବ ଜରିଆରେ ଏହାର ସିଧା ପ୍ରସାରଣ କରାଯାଇଥିଲା, ଯାହାକୁ ବହୁଳ ଭାବେ ଶ୍ରଦ୍ଧାଳୁମାନେ ଏହି ପ୍ରଥମ ରଥ ଯାତ୍ରା ଦେଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ।

# ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧାର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାରମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

# ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍

ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡର ଭାରତର ସେଲସ୍ ନିର୍ଦ୍ଦେଶକ ବିମଳ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ ।

ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

# ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସ୍ୟୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି । ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ପେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନସ୍ୟୁରାନ୍ସ କରିପାରିବେ । ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ । ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ । ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ । ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ । ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ । ଏସମ୍ପର୍କରେ ଫୋନ୍‌ପେ ଇନ୍ସ୍ୟୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସ୍ୟୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ବନ୍ଦବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ । ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସ୍ୟୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସ୍ୟୁରାନ୍ସର ୱେବ୍ ସେଲ୍‌ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ. ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ । ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ । ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁଡ଼ିକ ଶୁଭାରମ୍ଭ କରିବୁ । ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାରଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ ।

# ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି । ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ । ଉଭୟ ମୋଟରସାଇକେଲ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି । ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ଼ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ଼ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନକ୍ଲୁସିଭ୍ ମାସିକ ଇନ୍‌ଷ୍ଟଲମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ଼ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ, ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗ୍‌କୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା । ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା । ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି । ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ । କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ । ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ । ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍' ।" ନୂଆ ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ଼ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ୱିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ(ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି ।




## —ନିଆଳି-ମାଧବ—
# ଶ୍ରୀଜଗନ୍ନାଥଙ୍କ ମାମୁଁଘର






ଆମ ସମସ୍ତଙ୍କ ପାଇଁ କେନ୍ଦ୍ର ଓ ଶ୍ରଦ୍ଧା ଆବେଗର ଜାଣି ନାହାଁନ୍ତି ମହାପ୍ରଭୁ ମାଧବାନନ୍ଦ ଜୀଉଙ୍କ ଭାବେ ପରିଚିତ କଟକ ମାଧବାନନ୍ଦ ଜୀୟୁଙ୍କ ପକ୍ଷ ଅଷ୍ଟମୀ ତିଥିରେ ପୂର୍ବରୁ ପୋଡୁଆଁ ଭାର ମାମୁଁଘର ବଡ଼ ଆକର୍ଷଣୀୟ କ୍ଷେତ୍ର। ତେବେ ଅନେକ ହୁଏତ ଶ୍ରୀଜଗନ୍ନାଥଙ୍କ ମାମୁଁଘର ହେଉଛି ମନ୍ଦିର। ଶ୍ରୀଜଗନ୍ନାଥଙ୍କ ମାମୁଁଘର ଜିଲ୍ଲା ନିଆଳି ବ୍ଲକ ମାଧବ ସ୍ଥିତ ମନ୍ଦିର। ମାର୍ଗଶୀର ମାସ କୃଷ୍ଣ ମାଧବ ମନ୍ଦିରରୁ ଶ୍ରୀମନ୍ଦିରକୁ ଯାଉଥିଲା। କାଳକ୍ରମେ ଏହି ପ୍ରଥା ବନ୍ଦ ହୋଇ ଯାଇଥିବାବେଳେ ଏବେ କିଛିବର୍ଷ ଧରି ଶ୍ରୀମନ୍ଦିରକୁ ପୋଡୁଆଁ ଭାର ଯାଉଛି। ମୋଗଲମାନେ ଓଡ଼ିଶାକୁ ଆକ୍ରମଣ କରିବା ଯୋଗୁଁ ଶ୍ରୀଜଗନ୍ନାଥ ମହାପ୍ରଭୁ ବାରମ୍ବାର ଶ୍ରୀକ୍ଷେତ୍ର ମନ୍ଦିର ଛାଡ଼ିବାର କିମ୍ବଦନ୍ତୀ ରହିଛି। ସେଭଳି ସ୍ଥିତିରେ ମାଧବ ମନ୍ଦିରରୁ ପ୍ରଥମାଷ୍ଟମୀରେ ଜଗନ୍ନାଥଙ୍କ ପାଇଁ ଖଣ୍ଡୁଆ ଓ ପୂଜା ସାମଗ୍ରୀ ପଠାଇବା ସମ୍ଭବ ହେଉନଥିବାରୁ ତାହା କାଳକ୍ରମେ ବନ୍ଦ ହୋଇଯାଇଥିବା କୁହାଯାଏ। କିନ୍ତୁ ଇତିହାସ ତଥ୍ୟ ଆଧାରରେ ସେହି ବନ୍ଦ ପରମ୍ପରାକୁ ପୁନଃ ପ୍ରଚଳନ ପାଇଁ ମାଧବ ମନ୍ଦିର ସେବାୟତ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଜଗନ୍ନାଥପ୍ରେମୀ ପ୍ରୟାସ ଆରମ୍ଭ କରିଛନ୍ତି। ୨୦୧୯ ଓ ୨୦୨୦ରେ ମାଧବ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପୋଡୁଆଁ ଭାର ଯାଇଥିଲା। ଏହି ପ୍ରାଚୀନ ନିଆଳି ମାଧବାନନ୍ଦ ଜୀୟୁ ମନ୍ଦିର କିନ୍ତୁ ପ୍ରଶାସନିକ ଦୃଷ୍ଟି ଆଢୁଆଳରେ ରହି ଯାଇଛି। ଏକଦା ୨୩ ଶହ ଏକର ଭୂ-ସମ୍ପତ୍ତିର ମାଲିକ ଥିବା ମାଧବାନନ୍ଦ ଜୀୟୁ ଏବେ ତାଙ୍କ ଦୈନନ୍ଦିନ ନୀତି ପାଇଁ ଭକ୍ତଙ୍କ ଦାନକୁ ଅପେକ୍ଷା କରୁଛନ୍ତି। ପୁରୀ ମନ୍ଦିର ଶୈଳୀରେ ନିର୍ମିତ ଏହି ପ୍ରାଚୀନ ମନ୍ଦିରର କଳାକୃତିକୁ ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଏହା ଧ୍ୱଂସାଭିମୁଖୀ ହୋଇଛି। ନିଆଳିଠାରୁ ଚାରିଛକ ରାସ୍ତାରେ ମାତ୍ର ୮ କିମି ଦୂର ଗଲେ ପଡ଼େ ମାଧବସ୍ଥିତ ମାଧବାନନ୍ଦ ଜୀୟୁ ମନ୍ଦିର। ମନ୍ଦିର ସେବା ପୂଜା ପାଇଁ ପ୍ରଥମେ ମନ୍ଦିରର ୨୩ଶହ ଏକର ଭୂସମ୍ପତ୍ତି ରହିଥିବା ବେଳେ ଏବେ ଏହା ୪୫୦ ଏକର ମଧ୍ୟରେ ସୀମିତ ରହିଛି। ସେଥିରୁ ବହୁ ଜମି ଜବର ଦଖଲରେ ରହିଛି। ଭକ୍ତକବି ଜୟଦେବ, ଶ୍ରୀଚୈତନ୍ୟ, କବିବର ରାଧାନାଥ ରାୟ ଓ ଆମେରିକୀୟ ପ୍ରତ୍ନତତ୍ତ୍ୱବିତ୍ ଗର୍ଲ୍ସ ଫବ୍ରିଙ୍କ ଗବେଷଣାତ୍ମକ ତଥ୍ୟରୁ ପୀଠ ବିଷୟରେ ବହୁ ତଥ୍ୟ ଜଣାଯାଏ। ୧୨୩୦ ଖ୍ରୀଷ୍ଟାବ୍ଦରେ ରାଜା ତୃତୀୟ ଅନଙ୍ଗ ଭୀମଦେବ ପୁରୀ ମନ୍ଦିର ଢ଼ାଞ୍ଚାରେ ଏହି ମନ୍ଦିର ନିର୍ମାଣ କରିଥିବା ମାଦଳା ପାଞ୍ଜିରୁ ଜଣାଯାଏ। ଏହି କ୍ଷେତ୍ରକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଥିଲେ ବି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏହାର ପ୍ରଚାର ପ୍ରସାର ପାଇଁ ସରକାର ଉଦ୍ୟମ କରିବାକୁ ଦାବି ହେଉଛି। ଆଜି ଆସନ୍ତୁ ନିଜ ମାମୁଁଘର ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାମୁଁ ଘରକୁ ସ୍ମରଣ କରି ତାଙ୍କ ପାଖରେ ଆମ ଭକ୍ତ ନୈବେଦ୍ୟ ସମର୍ପଣ କରିବା।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

# ଅଗ୍ନିପଥ ନିଯୁକ୍ତିକୁ ବିରୋଧ କରି ବଡଚଣା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ

ଚଣ୍ଡିଖୋଲ (ପି.ଏନ.)-ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟନାୟକଙ୍କ ଆହ୍ୱାନରେ ବଡଚଣା ନିର୍ବାଚନମଣ୍ଡଳୀ ଚଣ୍ଡିଖୋଲ ଛକ ବୁଦ୍ଧମୂର୍ତ୍ତି ନିକଟରେ ବଡଚଣା କଂଗ୍ରେସ କମିଟି ପକ୍ଷରୁ ୪ ବର୍ଷିଆ ଅଗ୍ନିପଥ ଠିକା ନିଯୁକ୍ତିକୁ ବିରୋଧ କରିବା ସହିତ ଶାନ୍ତିପୂର୍ଣ୍ଣ ଭାବେ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ଉପସଭାପତି ପ୍ରଦୀପ କୁମାର ମହାନ୍ତି ସତ୍ୟାଗ୍ରହ ଉପଲକ୍ଷେ ଆୟୋଜିତ ସଭାକୁ ସଂଚାଳନ କରିଥିଲେ। ସତ୍ୟାଗ୍ରହରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ଯୋଗଦେଇ କେନ୍ଦ୍ରରେ ମୋଦି ସରକାର ଯୁବକଙ୍କ ପାଇଁ ଯେଉଁ ଅଗ୍ନିପଥ ଯୋଜନା କରିଛନ୍ତି ତାକୁ କ୍ୟାପଟେନ ମହାପାତ୍ର ଦୃଢ଼ ଭାବେ ବିରୋଧ କରିଥିଲେ। କୃଷି ଆଇନକୁ କୃଷକମାନେ ପଞ୍ଜାବ ଓ ହରିୟାଣାରେ ଯେଉଁଭଳି ଭାବେ ବିରୋଧ କଲେ ମୋଦି ସରକାର ବାଧ ହୋଇ କୃଷି ଆଇନକୁ ପ୍ରତ୍ୟାହାର କଲେ, ସେହିପରି ଭାବେ ଆଗାମୀ ଦିନରେ ଆମେ କଂଗ୍ରେସ ତରଫରୁ ପ୍ରତି ୱାର୍ଡରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ନେଇ ଏହି ଅଗ୍ନିପଥ ବିରୋଧରେ ପ୍ରତିବାଦ କରିବୁ ବୋଲି ଶ୍ରୀ ମହାପାତ୍ର କହିଥିଲେ।.ବିଭିନ୍ନ ସମୟରେ ବଡଚଣା କଂଗ୍ରେସ କର୍ମୀଙ୍କ ଉପରେ ଅତ୍ୟାଚାର ହେଉଥିବା ଓ ଆଗାମୀ ଦିନରେ ଏହି ଅତ୍ୟାଚାରରେ ସୁଧାର ନଆସିଲେ ଅକ୍ଟୋବର ୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର କଂଗ୍ରେସ କର୍ମୀଙ୍କୁ ନେଇ ବିଶାଳ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନା, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ଉପସଭାପତି ବରଦା ପ୍ରସାଦ ରାଏ, ସମ୍ପାଦକ ଆଶୀଷ ଧଳ, ଛାତ୍ର କଂଗ୍ରେସ ସଭାପତି ସଂଜିବ୍ ସାମଲ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ୍ ସାମଲ, ୧୯ ନ ଜୋନ ଜିଲା ପରିଷଦ ପ୍ରାର୍ଥୀ ଶ୍ରୀକାନ୍ତ ମଲିକ, ହୃଷିକେଶ ସାମଲ, ଜୀବନ ମହାପାତ୍ର, ଦୁଷ୍ମନ୍ତ ସାମଲ, ଜୟପ୍ରକାଶ ବିଶ୍ୱାଳ, ରବୀନ୍ଦ୍ର ସାମଲ, କୁଳମଣୀ ବାରିକ, କୁସୁମ ଦେହୁରୀ, ଧନେଶ୍ୱର ସାହୁ, ଉପେନ୍ଦ୍ର ବ୍ରହ୍ମ, ଧୂଳେଶ୍ୱର ରାଏ ଓ ସୀତାବତୀ ସାମଲ ପ୍ରମୁଖ ଏହି ସତ୍ୟାଗ୍ରହରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ସତ୍ୟାଗ୍ରହରେ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## 'ଲାଗେ ପ୍ରେମ ନଜର' ଶୁଭମୁକ୍ତି ଏଥର ବାହୁଡ଼ାରେ...

ଖୋର୍ଦ୍ଧା (ପିଏନ୍)-ଏଥର ପ୍ରଭୁ ଜଗନ୍ନାଥଙ୍କ ପବିତ୍ର ବାହୁଡ଼ାରେ ରିଲିଜ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚିତ୍ର 'ଲାଗେ ପ୍ରେମ ନଜର'। ନିକଟରେ ଏହା ମ୍ୟୁଜିକ ରିଲିଜ୍ ହୋଇଯାଇଛି। ସିନେମାର କଳାକାର ଓ କ୍ରିଉକୁ ନେଇ ମ୍ୟୁଜିକ ରିଲିଜ୍ ହୋଇଥିବା ବେଳେ ବାହୁଡ଼ାରେ ଏହାର ଶୁଭମୁକ୍ତି ହେବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ନିର୍ମିତ ଏହି ସିନେମାରେ ନାୟକ ରହିଛନ୍ତି ଅମ୍ଲାନ ଓ ତାଙ୍କ ସହ ରିୟା, ପ୍ରିୟା, ରାଗିଣୀଙ୍କ ରୋମାନ୍ସ ଦେଖିବାକୁ ମିଳିବ। ବିବାହ ପରେ ଓଲିଉଡ଼ରୁ ଏକପ୍ରକାର ଦୂରେଇ ଯାଇଥିବା ଚୁଲବୁଲି ଅଭିନେତ୍ରୀ ପ୍ରିୟା ଚୌଧୁରୀ ଏହି ସିନେମାରେ କମବ୍ୟାକ୍ କରିଛନ୍ତି। ଅନେକ ଦିନ ପରେ ଅମ୍ଲାନଙ୍କ ସହ ରିୟାଙ୍କ ଅନସ୍କ୍ରିନ୍ ରୋମାନ୍ସ ଓଡ଼ିଆ ଦର୍ଶକଙ୍କୁ ମତୁଆଲା କରିବ ନିଶ୍ଚୟ। ସେହିଭଳି ବଙ୍ଗୀୟ ସୁନ୍ଦରୀ ରାଗିଣୀ ଅନ୍ୟତମ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବବି ମିଶ୍ର, ପପି ସନ୍ତୁକା, ଅମର, ବାପି, ରିପନ, ବିନୋଦ, ଅଜୟ ପ୍ରଧାନ, ଧାରାଶ୍ରୀ ପ୍ରମୁଖ ନଜର ଆସିଛନ୍ତି। ଖଗେଶ୍ୱର ଶେଜପଡ଼ାଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ପ୍ରଯୋଜନା ଭାର ବ୍ୟୋମକେଶ ତୁଲାଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଏସ ଦିଲିପ୍ ପଣ୍ଡା। କ୍ରିଏଟିଭ ହେଡ଼ଅଛନ୍ତି ପ୍ରଣୟ ଜେଠୀ। ଚଳଚିତ୍ରର ଟ୍ରେଲର ଅଧିକ ଲୋକପ୍ରିୟତା ହାସଲ କରିସାରିଛି ସମ୍ପୂର୍ଣ୍ଣ ଚଳଚିତ୍ର ଟି ନିଶ୍ଚୟ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥାର ସିଇଓ ରୂପାଲି ଦ୍ୱିବେଦୀ ଆଶାବାଦୀ। ବୈଦ୍ୟନାଥ ଦାସଙ୍କ ସିନେମାର ସଂଗୀତ ସଜାଇଥିବା ବେଳେ ହ୍ୟୁମାନ ସାଗର, କୁଳଦୀପ, ଗୌରବ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଦିପ୍ତୀରେଖା ପାଢୀ ଓ ଅନନ୍ୟ ଶ୍ରୀତମ ନନ୍ଦ ପ୍ରମୁଖ କଣ୍ଠଦାନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଚଳଚିତ୍ର ଲାଗେ ପ୍ରେମ ନଜରର ଗୀତ ଓ ଭିଡ଼ିଓ ଆମରା ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଚାରିତ ହୋଇ ଲୋକପ୍ରିୟତା ହାସଲ କରିସାରିଛି।

## ଭଗବାନପୁରରେ ନାଟକ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋଟପୁର ପ□ାୟତ ଭଗବାନପୁର ଗ୍ରାମରେ ଦୁଇଦିନିଆ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରାତିରେ ମୁଁ ସେଇ ଭଦ୍ରକିଆ ଟୋକା ଓ ଦ୍ୱିତୀୟ ରାତିରେ ଅସତୀ ତୁଳସୀ ସତୀଚଉରା ନାଟକ ମ□ସ୍ଥ ହୋଇଥିଲା। ଗ୍ରାମସ୍ଥିତ ମା' ତାରିଣୀ ଡ୍ରାମାଟିକ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ପ୍ରମୋଦ ଜେନା ମୁଖ୍ୟଅତିଥି, ପତିତପାବନ ବଳସାମନ୍ତ ଓ ଗଣେଶ୍ୱର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ମହାରଣାଙ୍କ ନିର୍ଦ୍ଦେଶନାରେ ପରିବେଷିତ ନାଟକଦ୍ୱୟରେ କଳାକାର ପ୍ରକାଶ ସାମଲ, ଅରୁଣ ସାମଲ, ଅମୀୟ ରାୟ, ଅମୂଲ୍ୟ ସାମଲ, ପଳାସ ଲେଙ୍କା, ବିକ୍ରମ ସାମଲ, ସଂଜୟ ରାୟ ପ୍ରମୁଖ ଅଭିନୟ କରିଥିଲେ। ମଳୟ ସାମଲ, ଜଗନ୍ନାଥ ସାମଲ, ମାନସ ସାମଲ ଓ ପ୍ରମୋଦ ସାମଲ ଏଥିରେ ସହଯୋଗ କରିଥିଲେ।

## ଚକ୍ଷୁ ଚିକିତ୍ସା ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଖର ପ□ାୟତ ଖୁଣ୍ଟାବାଜବାଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ସାଇ ନେତ୍ରମନ୍ଦିର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବଳରାମ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରରେ ଡ. ଲକ୍ଷ୍ମୀପ୍ରିୟା ନାୟକ, ଜାହିରଉଦ୍ଦିନ୍ ଶାହା, ରୋହିତ କୁମାର ରାଉତ, ଲିପିକା ସେଠୀ, ମୁନା ରାଉତ ଓ ଗାୟତ୍ରୀ ରାଉତ ଯୋଗଦେଇ ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏଠାରେ ୨୦ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ରୋଗୀମାନଙ୍କୁ ମାଗଣା ଔଷଧ ଓ ଚଷମା ବିତରଣ କରାଯାଇଥିଲା। ସରପ□ ସବ୍ୟସାଚୀ ବେହେରା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ନକୁଳ ଚନ୍ଦ୍ର ନାୟକ, ପରମାନନ୍ଦ ସେଠୀ ଓ ବସ' କୁମାର ନାୟକ ଯୋଗ ଦେଇଥିଲେ। ବାଜବାଟି ଗାଁ ଯୁବକମାନେ ଶିବିର ପରିଚାଳନା କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତଃ ନୀଳକଣ୍ଠ ମିଶ୍ରଙ୍କ ୧୭ ତମ ଶ୍ରାଦ୍ଧବାର୍ଷିକୀ ସଂପୃକ୍ତ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏ ନେଇ ସ୍ୱର୍ଗତଃଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ୱର୍ଗତଃଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଂଟନ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀ, ସହକାରୀ ଶିକ୍ଷକ ବିଜୟ କୁମାର ମହାପାତ୍ର, ନାରାୟଣ ମାନସିଂହ ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସତ୍ୟାଗ୍ରହ



ଭୁବନେଶ୍ୱର (ପିଏନ୍)- ନରେନ୍ଦ୍ର ମୋଦି ସରକାରର ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରତ୍ୟାହାର ଦାବିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଆନ୍ଦୋଳନ ଭୁବନେଶ୍ୱର ସର୍କିଟ ହାଉସ ଛକରେ କରାଯାଇଥିଲା। ଏହି ସତ୍ୟାଗ୍ରହ ଦିନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ କରାଯାଇଥିଲା। କେନ୍ଦ୍ର ସରକାର ଭାରତବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି, ତାହା ଅତ୍ୟନ୍ତ ଚିନ୍ତାଜନକ ଓ ସଂପୂର୍ଣ୍ଣ ଦେଶସ୍ୱାର୍ଥ ବିରୋଧରେ। ଓଡ଼ିଶାର ବହୁ ଗ୍ରାମାଂଚଳରେ ବହୁ ଯୁବକ ଯୁବତୀମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ ଏବଂ ଆବଶ୍ୟକ ପଡ଼ିଲେ ଦେଶ ପାଇଁ ଜୀବନ ଦେବେ। କିନ୍ତୁ ଅତି ଦୁର୍ଭାଗ୍ୟର କଥା ଅଗ୍ନିବୀରମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ। ଯଦ୍ୱାରା ଭାରତବର୍ଷର ଯୁବକ ଯୁବତୀମାନଙ୍କର ଆଶା ଭାଙ୍ଗିପଡ଼ିବ ଏବଂ ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇପାରିବେ ନାହିଁ। ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ। ଯଦି ଏତେ ପରିମାଣର ବୀର ସୈନିକମାନେ ନିଯୁକ୍ତି ହରାଇବେ ତାହାହେଲେ ସେମାନଙ୍କୁ କିଭଳି ଭାବରେ ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତ କରାଯିବ। ଯେଉଁମାନେ ଦେଶପାଇଁ ବଳିଦାନ ଦେବେ ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ ତାହାହେଲେ ଦେଶର ଗତି କୁଆଡ଼େ। ଦେଶର ସୁରକ୍ଷାକାରୀଙ୍କୁ କାହିଁକି ଆଜି ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଉଛି। ଭାରତବର୍ଷର ସୈନିକମାନଙ୍କୁ ପେନସନ ଦେବାକୁ କଂଗ୍ରେସ ଆର୍ଥିକ ବୋଝ ବୋଲି କେବେ ବିଚାର କରେନାହିଁ।

ଏଭଳି ଏକ ତ୍ରୁଟିପୂର୍ଣ୍ଣ ତଥା ଷଡ଼ଯନ୍ତ୍ରପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ତୁରନ୍ତ ଦେଶ ଭିତରେ ଭାରତବର୍ଷର ଯୁବକ ଯୁବତୀମାନଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ସୈନ୍ୟବାହିନୀଙ୍କର ଭବିଷ୍ୟତକୁ ସ୍ଥିରନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହାକୁ ମୋଦି ସରକାର ପ୍ରତ୍ୟାହାର କରନ୍ତୁ ବୋଲି ଜିଲ୍ଲା କଂଗ୍ରେସର ସଭାପତି ଶ୍ରୀ ଦାଶ ତଥା ବହୁ ନେତୃବର୍ଗ ମତ ପ୍ରକାଶ କରିଥିଲେ। ଏହି ସତ୍ୟାଗ୍ରହ ଆନ୍ଦୋଳନରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଂଜନ ଦାଶ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ରାଜୀବ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ରଶ୍ମି ମହାପାତ୍ର, ମାନସ ଆଚାର୍ଯ୍ୟ, ଗୀତାଂଜଳି ମହାନ୍ତି, ରଜନୀ ମହାନ୍ତି, ଜାନକୀ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ଅଶୋକ ଦାସ, ମିହିର ଆଚାର୍ଯ୍ୟ, ଶ୍ରୀଧର ବଳିଆର ସିଂ, ଅନୁୱର ଖାନ, ଇନ୍ଦ୍ରଜିତ ପରିଡ଼ା, ସେକ୍ ଆଫତାବ ଅଲ୍ଲି, ବ୍ରହ୍ମାନନ୍ଦ ସାହୁ, ଦେବରାଜ ମିଶ୍ର, ଶ୍ରୀୟା ମହାନ୍ତି, ମୋହନ ଜେନା, ଜୟକୃଷ୍ଣ ସୁବୁଦ୍ଧି, ଯୋଗୀନାଥ ବାହୁବଳେନ୍ଦ୍ର, ତରୁଣ ମିଶ୍ର, ଶତୃଘ୍ନ ବେହେରା, ଲୁଲୁ ଏହମ୍ମଦ, ମଂଟୁ ମଲ୍ଲିକ, ସୌମେନ୍ଦ୍ର ମହାନ୍ତି, ପୁଷ୍ପିତା ଦାଶ, ଚୈତାଳୀ ପଟ୍ଟନାୟକ, ଜୟଶ୍ରୀ ନନ୍ଦ, ମାନସ ସେଠୀ, ଶୁଭ୍ରଜ୍ୟୋତି ଲେଙ୍କା, ସୂର୍ଯ୍ୟକାନ୍ତ ଜେନା, ଶିବା ରେଡ଼ି, ଦେଓ ପ୍ରସାଦ, ଜ୍ୟୋତିଷ ସାହୁ, କୁଳମଣି ସାହୁ, ଲକ୍ଷ୍ମୀପ୍ରିୟା ଦାସ, ଅକ୍ଷୟ ମହାନ୍ତି, ମାମିନା ବେହେରା, ମିନତୀ ସାହୁ, ପ୍ରଭାତ ପ୍ରତାପସିଂ, ପ୍ରମୋଦ ପରିଡ଼ା, ଉମେଶ ଦାସ, ସଂଜୟ ପରିଡ଼ା, ଶଙ୍କର ନାୟକ, ଦୁଃଶାସନ ଦାସ, ସ୍ୱାଧୀନବାଳା ଦାସ, ମନୋଜ ସାହୁ, ରାଜୀବଲୋଚନ ଜେନା, ରାଜକିଶୋର ବାରିକ, ପ୍ରଦୀପ ମହାପାତ୍ର, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଗୀତାଜାଗରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ

ଯାଜପୁର (ପିଏନ୍): ଗୀତାଜାଗରଣ ପରିଷଦ ଦ୍ୱାରା ପଣ୍ଡିତ ସ୍ୱର୍ଗତଃ କାହ୍ନୁ ଚରଣ କରଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ପାଳନ, ଏକ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକ ବନବିହାରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅକ୍ଷୟ କୁମାର ମଲ୍ଲିକ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସ୍ୱର୍ଗତ କାହ୍ନୁଚରଣ କରଙ୍କର ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସେ ଥିଲେ ଜଣେ ସଂସ୍କୃତ ପଣ୍ଡିତ ଏକାଧାରରେ ପ୍ରାଧ୍ୟାପକ, ଜ୍ୟୋତିର୍ବିଦ୍ ଓ ଜଣେ ଚିକିତ୍ସକ, ସମାଜସେବୀ। ସମ୍ମାନିତ ଅତିଭାବେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ଦାସ ଯୋଗ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ସ୍ୱର୍ଗତଃ କର ଥିଲେ ଆଦର୍ଶ ଛାତ୍ର ଗଠନ କ୍ଷେତ୍ରରେ ଦ୍ରୋଣାଚାର୍ଯ୍ୟ। ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର ସଭାପତିତ୍ୱ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଆଜିର ଯୁବ ସମାଜ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଆବଶ୍ୟକ କାରଣ ସାହିତ୍ୟ ସମାଜର ଦର୍ପଣ ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସ୍ତୋତ୍ରପାଠ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ପ୍ରଭଞ୍ଜନ ପତି ଓ ବିଜୟଭୂଷଣ ନନ୍ଦଙ୍କୁ କାହ୍ନୁଚରଣ କର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର କବି ପ୍ରଭାତ କୁମାର ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା, ମନୋଜ କୁମାର ନାଥ, ବିଷ୍ଣୁ ଚରଣ ଦଳାଇ, କବିତା ମଂଚକୁ ପରିଚ୍ଛଳନା କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କବି ଯୋଗ ଦେଇଥିଲେ। ସମସ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅଖିଳ ମୋହନ ଦାସ ଅଭ୍ୟର୍ଥନା ଦାୟିତ୍ୱରେ ଥିବା ବେଳେ ବରିଷ୍ଠ ଉପଦେଷ୍ଟା ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରେସନ ଦାୟିତ୍ୱରେ କୋଷାଧକ୍ଷ ସୁବାସ ମହାପାତ୍ର ଓ ମିତା ଦାସ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ବୈଦ୍ୟନାଥ ପଣ୍ଡା, ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧିକାରୀ ନବକିଶୋର ଦାସ, ନିରୁପମା ପଣ୍ଡା, ରାମଚନ୍ଦ୍ର ଦାସ, ରଂଜିତା ଦାସ, ପ୍ରେମଲତା ବେହୁରିଆ, ଅନୁରାଧା ମିଶ୍ର, ଅନୁସୟା ମିଶ୍ର, ଅନ୍ୱେଷଣ ଥିଏଟର ଗ୍ରୁପର ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ଉପେନ୍ଦ୍ର କୁମାର ଜେନା, ଶଙ୍କର ସାହୁ, ସୁରଜ ପଣ୍ଡା, ଅନନ୍ୟାର ସମ୍ପାଦକ ଡଃ କାହ୍ନୁ ଚରଣ ମିଶ୍ର, ଗୁଣନିଧି ପାଣିଗ୍ରାହୀ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ମହମ୍ମଦ୍ ସାଜିଦ୍, ହୃଷିକେଶ ପତି, ପାଗୁ ଦାସ, ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରୂପାନ୍ତରିତ ବିଦ୍ୟାଳୟକୁ ଜମିପଟା ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ୫-ଟି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡା ଜିଲ୍ଲାର ୯୫ଟି ସ୍କୁଲର ରୂପାନ୍ତରଣ କରାଯାଇଛି। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଥିମଧ୍ୟରୁ ୮୦ଟି ବିଦ୍ୟାଳୟକୁ ଜମିପଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଥିବା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସଂପୃକ୍ତ ସ୍କୁଲଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା,କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ଗୁଡିକୁ ଫୋକସ ସ୍କୁଲ ବା ସ୍ମାର୍ଟ ସ୍କୁଲରେ ପରିଣତ କରାଯିବା ସହ ତାହାର ଶୈକ୍ଷିକ ପରିବେଶର ବିକାଶ ସହ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ଇ-ଲାବୋରେଟୋରୀ ଓ ଉନ୍ନତ ମାନର କ୍ରୀଡା ଭିତ୍ତିଭୂମୀ ପ୍ରଭୃତିର ବ୍ୟବସ୍ଥା କରାଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email. yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା



ବେଙ୍ଗାଲୁରୁ, (ପି.ଏନ): ବେଙ୍ଗାଲୁରୁର ଆଗରାଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ଭକ୍ତିପୂତ ପରିବେଶ ମଧ୍ୟରେ ପବିତ୍ର ରଥଯାତ୍ରା ପର୍ବ ପାଳନ କରାଯାଇଛି। ଏଠାରେ ବଡ଼ି ଭୋରରୁ ମଂଗଳ ଆରତୀ, ଅବକାଶ, ମଇଲମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ସାହାଣମେଲା ଆଦି ରୀତିନୀତିକୁ ଯଥାବିଧି ସମ୍ପନ୍ନ କରାଯାଇଥିଲା। ଦିନ ୧୨ ଟା ୧୫ରେ ଚାରି ଠାକୁରଙ୍କ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା। ମକିର ବେଢ଼ାରେ ଥିବା ସୁକର, ସୁରମ୍ୟ ଓ ସୁଶୋଭିତ ୨୮ ଫୁଟ ଉଚ୍ଚ ରଥ ଉପରକୁ ଠାକୁରମାନଙ୍କୁ ଭକ୍ତ ମାନଙ୍କର କୀର୍ତ୍ତନ ତଥା ଜୟ ଜଗନ୍ନାଥ ଧ୍ୱନିମଧ୍ୟରେ ନିଆଯାଇଥିଲା। ମକିରର ଟ୍ରଷ୍ଟି ସୀତିକଣ୍ଠ ଷଡ଼ଙ୍ଗୀ ଛେରା ପହଁରା କରିବା ପରେ ଅପରାହ୍ନ ୨ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ରଥଟିକୁ ଦୀର୍ଘ ୧ କିମି ପର୍ଯ୍ୟନ୍ତ ଟଣାଯାଇ ସନ୍ଧ୍ୟା ୬ଟା ବେଳେ ମାଉସୀମା ମକିର ନିକଟରେ ପହଁଞ୍ଚାଯାଇଥିଲା। ପାଗ ମେଘୁଆ ଥିବାରୁ ପ୍ରାୟ ୨୫୦୦୦ ଦର୍ଶକ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରିଥିବା ଦେଖା ଦେଇଥିଲା। ରଥଯାତ୍ରା ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ବାସବରାଜ ଏସ୍ ବୋମାଇ, କେନ୍ଦ୍ରୀୟ ବେଙ୍ଗାଲୁରୁର ସାଂସଦ ପିସି ମୋହନ, ରାଜ୍ୟମନ୍ତ୍ରୀ ଅରବିନ୍ଦ ଲିମ୍ବାଭଲି ଏବଂ ବିଧାୟକ ସତୀଶ ରେଡ୍ଡୀ ପ୍ରମୁଖ ଯୋଗ ଦ୍ଦେଇଥିଲେ। ସମଗ୍ର ମହୋତ୍ସବକୁ ସୁଚାରୁ ଆୟୋଜନ କରିବାରେ ମକିରର ଟ୍ରଷ୍ଟି ତଥା ସମ୍ପାଦନା ମଣ୍ଡଳୀ ସଦସ୍ୟ ନିହାର ସାମନ୍ତରା, ଡକ୍ଟର ପ୍ରତାପ ପାଣି, କାମାକ୍ଷା ପଣ୍ଡା, ଜଷ୍ଟିସ ଜେପି ଉଦ୍‌ଗାତା, ହର ମହାପାତ୍ର, ମନୋଜ ପାତ୍ର ଓ ପୁଣ୍ୟଶ୍ଳୋକ ଖୁଣ୍ଟିଆ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ବଜ୍ରପାତରେ ୫ ଆହତ, ୩ ଗୋରୁ ମୃତ

ଧର୍ମଶାଳା,(ପି.ଏନ): ଆଜି ଅପରାହ୍ନରେ ବର୍ଷା ସାଙ୍ଗକୁ ବଜ୍ରପାତ ହେବା ଯୋଗୁଁ ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ୫ ଜଣ ଆହତ ହୋଇଥିବା ବେଳେ ୩ ଗାଇଙ୍କ ମୃତ୍ୟୁ ଘଟିଛି । ଧର୍ମଶାଳା ବ୍ଲକର ମଣିନାଥପୁର ଗ୍ରାମରେ ବଜ୍ରପାତ ଯୋଗୁଁ ଏକ ନଡିଆ ଗଛ ପୋଡ଼ିଯିବା ସହ ୩ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଏହି ଗ୍ରାମର ମିଲି ମଲିକ(୨୯), ସୁପ୍ରିୟା ମଲିକ (୧୦) ଓ ଦୁର୍ଗେଶ୍ୱର ମଲିକ (୮) ବୋଲି ଜଣାପଡିଛି । ସେହିପରି ଜାରକାର କବିତା ମଲିକ(୩୦) ଓ ପାଖର ଗ୍ରମର ଟିକି ମଲିକ( ୩୦) ଆହତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତି ହୋଇଛନ୍ତି । ଚିକିତ୍ସା ପରେ ସମସ୍ତ ଆହତଙ୍କ ଅବସ୍ଥା ସୁସ୍ଥଥିବା ଜଣାଯାଇଛି ସେହିପରି ବଜ୍ରପାତ ଯୋଗୁଁ ଏହି ବ୍ଲକର ପନ୍ତୁରୀ ଗ୍ରାମରେ ବଜ୍ରପାତ ଯୋଗୁଁ କାଳନ୍ଦି ମଲିକ, ବଟ ଦଳେଇ ଓ ଜନକ ଦଳେଇଙ୍କ ୩ଟି ଗାଇଙ୍କ ମୃତ୍ୟୁ ହୋଇଛି ।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ରଥଯାତ୍ରା

ଧର୍ମଶାଳା,(ପି.ଏନ): କରୋନା ପାଇଁ ଦୁଇ ବର୍ଷ ଧରି ରଥଯାତ୍ରା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଧର୍ମଶାଳା ବ୍ଲକର ବ୍ଲକର ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କ ପ୍ରସିଦ୍ଧ ଘୋଷଯାତ୍ରା ମାହାଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରୁ ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର , ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଆଜି ଯାତ୍ରା କରିଛନ୍ତି। ଏହିକ୍ରମରେ ଧର୍ମଶାଳା ବ୍ଲକର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଡା. ବିଜୟ କୁମର ଶତପଥୀ ଓ ନିରନ ପାଣିଗ୍ରାହୀଙ୍କ ସେବାୟତମାନେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ପରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଛେରାପହଁରା କରିବା ପରେ ଅପରାହ୍ନ ସାଢେ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା । ୧୬ନଂ ଜାତୀୟ ରାଜପଥ ଦେଇ ରଥ ଜାରକା ବଜାର , ବୁଦ୍ଧଛକ, ଶାନ୍ତିବଜାର,ଧର୍ମଶାଳା ବଜାର ଦେଇ ଧର୍ମଶାଳା ହାଟ ପଡିଆସ୍ଥିତ ମାଉସୀ ମା'ମନ୍ଦିରରେ ସନ୍ଧ୍ୟାରେ ତିନି ରଥ ପହଂଚିଥିଲେ। ଆଜି ରଥଟଣା ଆରମ୍ଭ ହେବାର କିଛି ସମୟ ପରେ ଘଡଘଡି ସହ ବର୍ଷା ହୋଇଥିଲା ପ୍ରତିକୁଳ ପାଗ ସତ୍ୱେ ବର୍ଷାକୁ ଖାତିର ନକରି ଆଖପାଖ ଅଂଚଳର ଶହଶହ ପୁରୁଷ ଓ ମହିଳା ଭକ୍ତ ଯୋଗ ଦେଇ ରଥ ଟାଣୁଥିଲାବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁନ୍‌ସୀମିଳନ କମିଟି ସଂପାଦକ ଜଳଧର ମହାନ୍ତି, ବସନ୍ତ ପରିଡା, ସୁଦୀପ୍ତ ସ୍ୱାଇଁ, ମନ୍ଦିର କମିଟି ପକ୍ଷରୁ ଅବଧୂତ ରାଉତ, ପ୍ରସନ୍ନ ବରାଳ,ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ,ଗଜେନ୍ଦ୍ର ବେହେରା, ପ୍ରଭୁଦତ୍ତ ଜେନା, ସବ୍ୟସାଚୀ ବେହେରା, ପ୍ରସନ୍ନ ପାଳ,ମନୋଜ ରଣା,କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଲୁ ଚରଣ ନାୟକ, ଅଶୋକ ଜେନା,ମୃତ୍ୟୁଞ୍ଜୟ ସାହୁ, ଜିତେନ୍ଦ୍ର ସାମଲ,କଳ୍ପତରୁ ସାହୁ, ବିଜୟ ନାୟକ, ଅଜୟ ନାୟକ ପ୍ରମୁଖ କମିଟି ସଭ୍ୟମାନେ ରଥ ଟଣାରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସେହିପରି ପାଟପୁର ଠାରେ ବଳଦେବଜୀଉ ମଠରେ ଆଜି ମାହା ଆଡମ୍ବର ସହକାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ରଥଯାତ୍ରା ଦେଖିବା ପାଇଁ ଶହଶହ ଭକ୍ତଙ୍କ ସମାବେଶ ହୋଇଥିଲା। ସେହିପରି ଧର୍ମଶାଳା ବ୍ଲକର ମଧୁପୁରଗଡଠାରେ ରାଜଜେମା ଅପର୍ଣ୍ଣା ଧ୍ରସିଂ ଛେରାପହଁରା କରିଥିଲାବେଳେ ଚୌଷଠିପଡା, ବଳରାମପୁରଗଡ, କବାଟବନ୍ଧ, ତଳଗଡ, ନରସିଂହପୁର, ଭବାନୀପୁର, ଛେଳିଆପଦା, ଅଚ୍ୟୁତପୁର, ନାକପୋଲ ଠାରୁ ଇମାମନଗର ପର୍ଯ୍ୟନ୍ତ ପ୍ରଥମ କରି ରଥ ଟଣାଯାଇଥିଲା। ନୂଆଗାଁ, ସାଥୁଆପାଟଣା, ଦଣ୍ଡାଘାଟି, ରାମପୁର କଇଥାଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଓ ଜେନାପୁର ପୁଲିସ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ମୁତୟନ କରାଯାଇଥିଲା। ଆଜି ସନ୍ଧ୍ୟାରୁ ୯ଦିନ ବ୍ୟାପି ଧର୍ମଶାଳା ହାଟପଡିଆ ମାଉସୀ ମା ମନ୍ଦିର ପରିସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରଧାନଶିକ୍ଷକ ବୀରବର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲର ପ୍ରଧାନଶିକ୍ଷକ ବୀରବର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷକ ନରେନ୍ଦ୍ର କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ନିକୁଂଜ ବିହାରୀ ମହାନ୍ତି ଯୋଗଦେଇ ଶ୍ରୀ ବେହେରାଙ୍କ ଶିକ୍ଷାଦାନ ପଦ୍ଧତି, ଛାତ୍ର ବତ୍ସଳତା ଓ କାର୍ଯ୍ୟଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ। ତାଙ୍କ ପଦାଙ୍କ ଅନୁକରଣ କରିବାକୁ ଉପସ୍ଥିତ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସଦୀପ୍ତ ମହାନ୍ତି ସଭା ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟବାଦୀ ସାହୁ, ଅଶୋକ କୁମାର ଶତପଥୀ, ସୁରେନ୍ଦ୍ର କୁମାର ବେହେରା, ରାମଚନ୍ଦ୍ର ଓଝା, ଆରତୀ ରାଉତ, ଗୋପବନ୍ଧୁ ଦାସ, ଦୁଃଶାସନ ରାଉତ, ଶିକ୍ଷା କର୍ମଚାରୀ ଶିବ ଚରଣ ସାମଲ, ବିନୋଦ ବିହାରୀ ପରିଡା, ନରେନ୍ଦ୍ର କୁମାର ରାଉତ ଓ ଗଣେଶ୍ୱର ରାଉତ ପ୍ରମୁଖ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଧାର ସଂପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ସୁରେନ୍ଦ୍ର ନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଜୟ ପ୍ରକାଶ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ପୁଷ୍ପମାଲ୍ୟାର୍ପଣ କରିଥିଲେ। ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ପରେ ପ୍ରଧାନଶିକ୍ଷକ ଶ୍ରୀ ବେହେରାଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ଶଙ୍ଖାରିଡିହସ୍ଥିତ ବାସଭବନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।

## ପାରାଦୀପ ନାଗରିକ ମଂଚ ପକ୍ଷରୁ ପ୍ରକୃତି ରଥର ଶୁଭାରମ୍ଭ

ପାରାଦୀପ,(ପି.ଏନ): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପାରାଦୀପ ନାଗରିକ ମଂଚ ପକ୍ଷରୁ ଜନସାଧାରଣମାନଙ୍କ ମଧ୍ୟରେ ପରିବେଶ ଓ ବ୍ୟାପକ ବନୀକରଣ ନିମନ୍ତେ ଏକ ସଚେତନତାମ୍ନକ ପ୍ରକୃତି ରଥକୁ ଶୁକ୍ରବାର ଦିନ ପାରାଦୀପର ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ନାଗରିକ ମଂଚର ସଭାପତି ଡ.ଅୟସ୍କାନ୍ତ ରାୟଙ୍କ ସମେତ ପୌର ପାଳିକାର ପାରିଷଦ, ମଂଚର ଉପଦେଷ୍ଟା ଓ କାର୍ଯ୍ୟକର୍ତାମାନେ ଯୋଗ ଦେଇଥିଲେ।

## ପାଟପୁର ସିଦ୍ଧ ବଳଦେବଜୀୟୁ ମଠରେ ରଥଯାତ୍ରା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ପଂଚାୟତ ସିଦ୍ଧ ବଳଦେବଜୀୟୁ ମଠରେ ଆଜି ରଥଯାତ୍ରା ପାଳିତ ହୋଇଯାଇଛି। ଟ୍ରଷ୍ଟି ବିନୋଦ ଦାସ ଛେରାପହଁରା କରିବା ପରେ ରଥଟଣାଯାଇଥିଲା। ଆଜି ଅପରାହ୍ନରେ ମଠରେ ଛେରାପହଁରା ପରେ ତିନି ଠାକୁରଙ୍କୁ ରଥାରୁଢ କରାଯାଇ ରଥଟଣାଯାଇ ମାଉସିମା ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ଗତ ଦୁଇ ବର୍ଷ ହେଲା କରୋନା ଯୋଗୁଁ ରଥଯାତ୍ରା ବନ୍ଦ ରହିଥିଲା ବେଳେ ଚଳିତ ବର୍ଷ ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ଆଜି ସକାଳୁ ତିନି ଦିଅଁଙ୍କର ନିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ପଦ୍ମନାଭ ଓଝା, ଅକ୍ଷୟ କୁମାର ସାହୁ,ରାମଚନ୍ଦ୍ର ବେହେରା, ଧିରେନ୍ଦ୍ର ଶତପତୀ, ନିରନ ପରିଡା,ଦୁଃଶାସନ ନାୟକ, ସରପଂଚ ସନ୍ଧ୍ୟାରାଣୀ ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ଗୌରାଙ୍ଗ ପାଣିଗ୍ରାହୀ ପୁର୍ବତନ ସରପଂଚ ନଗେନ ଦାସ,ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ପରଲୋକରେ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ଶୋକ

ଭୁବନେଶ୍ୱର,(ପି.ଏନ): ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ଖବର ଶୁଣି ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେ ତାଙ୍କ ଶୋକବାର୍ତାରେ କହିଛନ୍ତି ଶ୍ରୀ ପଣ୍ଡା ଜଣେ ନିର୍ଭୀକ ଓ କର୍ତବ୍ୟନିଷ୍ଠ ଫଟୋ ସାମ୍ବାଦକ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ଦୀର୍ଘବର୍ଷ ଧରି ସମୟ, ଟାଇମ୍ସ ଅଫ ଇଣ୍ଡିଆ, ଇନାଡୁ ଇତ୍ୟାଦି ଖବର କାଗଜରେ କାର୍ଯ୍ୟକରି ଅନେକ ସୁଖ୍ୟାତି ଅର୍ଜନ କରିଥିଲେ। ୧୯୯୯ ମସିହା ମହାବାତ୍ୟା ସମୟରେ ସେ ବାତ୍ୟାଂଚଳ ଗସ୍ତକରି ବହୁ ଚର୍ଚ୍ଚିତ ଫଟୋ ଉଠାଇଥିବାର ନଜିର ଅଛି ଏବଂ ସେତେବେଳେ ସ୍ୱର୍ଗତ ପଣ୍ଡା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସ୍ୱର୍ଗତ ପଣ୍ଡା ବାବୁ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସ୍ନେହୀ ବ୍ୟକ୍ତିଥିଲେ। ପଣ୍ଡାବାବୁଙ୍କ ବିୟୋଗ ସାମ୍ବାଦିକ ଜଗତ ପାଇଁ ଏକ ଅପୂରଣୀୟକ୍ଷତି। ତାଙ୍କ ଜୀବନକାଳ ଭିତରେ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଗୁଡ଼ିକଏ ସମ୍ମାନ ସହ ପୁରସ୍କାର ସାଉଁଟିଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ।

# ପାରାଦୀପରେ ଉତ୍ସାହ ଉଦ୍ଦିପନାର ସହ ରଥଯାତ୍ରା ଅନୁଷ୍ଠିତ : ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାବେଶ

ପାରାଦୀପ,(ପି.ଏନ):ଦୀର୍ଘ ବର୍ଷ କରୋନା କଟକଣା କୋହଳ ହେବା ପରେ ବନ୍ଦର ସହର ପାରାଦୀପରେ ଉତ୍ସାହ ଉଦ୍ଦିପନା ଓ ଧର୍ମିୟ ବାତାବରଣ ମଧ୍ୟରେ ଶ୍ରୀଜୀୟୁ ମାନଙ୍କର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସମାଜ ପକ୍ଷରୁ ଆୟୋଜିତ ଏହି ରଥଯାତ୍ରା ଉତ୍ସବ ଦୀର୍ଘ ୯ ଦିନ ଧରି ଚାଲିବ । ତେବେ ରଥଯାତ୍ରାର ପବିତ୍ର ଦିବସରେ ତିନି ଠାକୁର ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ମନ୍ଦିର ଭିତରୁ ଭକ୍ତମାନଙ୍କ ଗହଣରେ ବାହାରି ପହଣ୍ଡି ଯାତ୍ରାରେ ରଥ ଉପରକୁ ବିଜେ କରିଥିଲେ । ପରମ୍ପରା ଅନୁଯାୟୀ ପାରାଦୀପ ବନ୍ଦରର ଅଧକ୍ଷ ତଥା ପାରାଦୀପ ଜଗନ୍ନାଥ ସମାଜର ସଭାପତି ପି.ଏଲ୍. ହରନାଦ ଛେରା ପହଂରା କରିବା ପରେ ରଥଯାତ୍ରା ଆରମ୍ଭ ହୋଇଥିଲା। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସହସ୍ରାଧିକ ଭକ୍ତଙ୍କ ସମେତ ବନ୍ଦର କର୍ମଚାରୀ, ବ୍ୟବହାରକାରୀ ସଂସ୍ଥା, ସିଆଇଏସଏଫ ଅଧିକାରୀ ଯୋଗ ଦେଇ ରଥ ଟାଣିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ ପାରାଦୀପ ସହର ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ସୁସଜ୍ଜିତ ରଥ ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଂଚିଥିଲା । ଏହି ଅବସରରେ ସ୍କନ୍ଦ ପୁରାଣର ଓଡିଆ ଅନୁବାଦ ପୁସ୍ତକକୁ ବନ୍ଦର ଅଧକ୍ଷ ତଥା



ଜଗନ୍ନାଥ ସମାଜର ଅଧକ୍ଷ ପି.ଏଲ୍.ହରନାଦ ଉନ୍ମୋଚନ କରିଥିଲେ । ବାହୁଡା ଯାତ୍ରା ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟେକ ସନ୍ଧ୍ୟାରେ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ଭଜନ ସନ୍ଧ୍ୟା, ପାଲା,ଦାଶକାଠିଆ,ପ୍ରବଚନଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ରଥଯାତ୍ରା ସମାରୋହରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଗୋଟିଏ ପ୍ଲାଟୁନ୍ ପୋଲିସ୍ ଫୋର୍ସ ସହିତ ସିଆଇଏସଏଫ୍ ମୁତୟନ କରାଯାଇଥିବା ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ସୂଚନା ଦେଇଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ



**ପର୍ଯ୍ୟବେକ୍ଷକ** PARYABEKHYAK

Bhubaneswar Saturday July 02, 2022 ଭୁବନେଶ୍ୱର ଶନିବାର, ଜୁଲାଇ ୦୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା



ଭୁବନେଶ୍ୱର,(ପି.ଏନ): ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି । ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା ଓ ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ସଂପନ୍ନ ହେବା ପରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଛେରା ପହଁରା ନୀତି ସଂପନ୍ନ ହୋଇଥିଲା । ଅପରାହ୍ନ ୪ଟା ୩୦ମିନିଟ୍‌ରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ଶୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ । ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନୀରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ଶୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୨୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥାଏ । ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ । ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ । ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ । ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିଶ୍ୱାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି । ଶ୍ରୀବାଣୀ କ୍ଷେତ୍ରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଏଠାରେ ସମସ୍ତ ପୂଜାର୍ଚ୍ଚନା ଓ ରଥଯାତ୍ରା ପୁରୀ ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରାଯାଇଥାଏ । ଶ୍ରୀକ୍ଷେତ୍ର ଘୋଷଯାତ୍ରାର ଅବିକଳ ଢ଼ାଞ୍ଚାରେ ଏଠାରେ ମଧ୍ୟ ମହାପ୍ରଭୁ ଜଗନ୍ନାଥ ପ୍ରଭୁ ବଳଭଦ୍ର ଓ ଦେବୀ ଶୁଭଦ୍ରାଙ୍କ ପାଇଁ ଯଥାକ୍ରମେ ୧୬, ୧୪ ଓ ୧୨ଚକ ବିଶିଷ୍ଟ ତିନୋଟି ରଥ ନିର୍ମାଣ କରାଯାଇଥାଏ । ନବଦିନ ବ୍ୟାପୀ ପ୍ରତିସନ୍ଧ୍ୟାରେ ମହାପ୍ରଭୁଙ୍କ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହେବ । ଏହି ନଅ ଦିନ ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ଭକ୍ତଙ୍କ ଗହଳି ଲାଗି ରହିଥାଏ ।

## ମଧୁପୁର ଓ କାଇମାଟିଆ ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା,(ପି.ଏନ):ଜଗନ୍ନାଥ ଶ୍ରୀଜଗନ୍ନାଥ ତାଙ୍କ ପାଇଁ ବାର ମାସରେ ତେର ପର୍ବ ପାଳିତ ହୁଏ । ପ୍ରତିବର୍ଷ ଆଷାଢ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ପବିତ୍ର ରଥଯାତ୍ରା ପର୍ବ ପାଳନ କରାଯାଏ । ଏହି ଦିନ ଜଗନ୍ନାଥ, ବଳଭଦ୍ର ଓ ଦେବୀ ଶୁଭଦ୍ରା ତିନୋଟି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି । ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥରେ ବସାଯାଏ । ଘଂଟ ଘଂଟା, ଶଙ୍ଖ, କିର୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ବାୟୁମଣ୍ଡଳ କମ୍ପି ଉଠେ । କରୋନା ମହାମାରୀ ଯୋଗୁଁ ଦୀର୍ଘ ଦୁଇ ବର୍ଷ ଧରି ରଥଯାତ୍ରା ବନ୍ଦ ରହିଥିବା ବେଳେ ଏ ବର୍ଷ ଖୋରଧା ନିର୍ବାଚନ ମଣ୍ଡଳୀ ୩ନମ୍ବର ଜୋନ ଧଉଳିମୁହଁ ଗ୍ରାମପଂଚାୟତ, ମଧୁପୁର ଓ କାଇମାଟିଆ ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ରଥଯାତ୍ରା ପାଳିତ ହୋଇଯାଇଛି । ଏହି ରଥ ଯାତ୍ରାରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ବିଜେପି ନେତା ତଥା ବିଧାୟକ ପାର୍ଥୀ,ଖୋରଧା କାଳୁଚରଣ ଖଣ୍ଡେଇତରାୟ ଯୋଗ ଦେଇ ମହାପ୍ରଭୁଙ୍କର ସାଧାରଣ ସେବକ ରୂପରେ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ରଥଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କର ବିପୁଳ ଜନା ସମାଗମ ଦେଖିବାକୁ ମିଳିଥିଲା ।

## ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ପ୍ରଥମ ଜନ୍ମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାଲିଅନ୍ତା : ପବିତ୍ର ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଅବସରରେ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଏକ ସାମାଜିକ ପରିବେଶ ସଚେତନତା ଭିତିକ ଅଗ୍ରଣୀ ଅନୁଷ୍ଠାନ । ତାର ପ୍ରଥମ ବାର୍ଷିକ ଉତ୍ସବ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଂଚାୟତ ହୀରାପୁର ଗ୍ରାମର ମା ପନ୍ଥେଇ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା ଓ ସ୍ଥାନୀୟ ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ସମଗ୍ର ଜୟଦେବ ନିର୍ବାଚନ ମଣ୍ଡଳୀକୁ ସବୁଜ ବନାନୀ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ବୃକ୍ଷ ରୋପଣ କରିବା ଏକ ସମାଜର ମଂଗଳ କାର୍ଯ୍ୟ ଅଟେ । ବର୍ତମାନ ଘଡି ସନ୍ଧି ମୂହୁର୍ତରେ ଅମ୍ଳଜାନର ଅଭାବକୁ ଦୂର କରିବାକୁ ହେଲେ ବହୁ ମାତ୍ରାରେ ବୃକ୍ଷ ରୋପଣର ଅବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ପଥଚାରୀମାନଙ୍କୁ ଦହି ସର୍ବତ ଏବଂ ମୃଦୁ ପାନୀୟ ପ୍ରଦାନ କରାଯିବା ସହିତ ମନ୍ଦିର ନିକଟରେ ବୃକ୍ଷରୋପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା । ଟ୍ରଷ୍ଟି ଗଗନ ଭୋଇ, ଟ୍ରଷ୍ଟି ବିଷ୍ଣୁଚରଣ ସାହୁ, ଟ୍ରଷ୍ଟି ଗୋବିନ୍ଦ ବେହେରା, ଟ୍ରଷ୍ଟି ସୁବାଷ ଦାସ ଓ ବିଜୟ ନାୟକଙ୍କ ସହ ଗ୍ରାମବାସୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ରଥଯାତ୍ରା



ଫୁଲନଖରା,(ପି.ଏନ):ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଛି । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡିରେ ନେଇ ରଥାରୁଢ଼ ପରେ ମନ୍ଦିର ମହନ୍ତ ଜଗନ୍ନାଥ ପଣ୍ଡା ଛେରାପହଁରା କରିଥିଲେ । ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା । ୩୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ରଥକୁ ଭକ୍ତମାନେ ଫୁଲନଖରା-ନିଆଳି ରାସ୍ତାରେ ଟାଣି ଆଶ୍ରମବଜାରସ୍ଥିତ ମାଉସୀମା ମା’ ମନ୍ଦିରକୁ ନେଇଥିଲେ । ଏହାକୁ ଜଗନ୍ନାଥ ଆଧ୍ୟାତ୍ମିକ ଓ ଚେତନା ପରିଷଦର ରମେଶ ଜେନା, ସତ୍ୟ ମହାନ୍ତି, ଗିରିଧାରୀ ସାହୁ, ଅଜୟ ପତି, କାର୍ତ୍ତିକ ସାହୁ, ବିଜୟ ମିଶ୍ର, ଦିଲୀପ ବେହେରା, କୈଳାସଚନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଉରାଳୀ- ସଦର ଥାନା ଅନ୍ତର୍ଗତ ଉରାଳୀସ୍ଥିତ ବାମନ କ୍ଷେତ୍ରର ଦଦ୍‌ବାମନ ଜୀଯୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରଥମେ କପିକେତନଙ୍କୁ ପହଣ୍ଡିରେ ନେଇ ରଥରେ ସ୍ଥାପନ ପରେ ସୁଦର୍ଶନ, ମଦନମୋହନ ଓ ଗୋପୀନାଥ ଜୀଯୁଙ୍କ ଚଳନ୍ତି ପ୍ରତିମା ଓ ଶେଷରେ ପ୍ରଭୁ ଦଧିବାମନଙ୍କୁ ରଥାରୁଢ଼ କରାଯାଇଥିଲା । ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ରାଜା ଚକ୍ରଧର ମହାରଣା ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । ଶାଶ୍ୱତ ଲହରୀ ଭଜନ ସଂଧ୍ୟା ପକ୍ଷରୁ ସେଠାରେ ଆଧ୍ୟାତ୍ମିକ ଗୀତ ପରିବେଷଣ ହୋଇଥିଲା । ପ୍ରତାପନଗରୀ- ପ୍ରତାପନଗରୀଠାରେ ଆୟୋଜିତ ରଥଯାତ୍ରାରେ ରାଜା ନାରାୟଣ ରାଉତ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଏହି ରଥ ପ୍ରତାପନଗରୀ, ଭାଣପୁର, ପୀରବଜାର ପରିକ୍ରମା କରିବା ପରେ ପାଇକସାହିସ୍ଥିତ ମାଉସୀମା’ଙ୍କ ମନ୍ଦିରରେ ପହଞ୍ଚିଥିଲା । ନଳୀନ ସେନାପତି, ଦିଲୀପ ସ୍ୱାଇଁ, ବଦ୍ରିନାରାୟଣ ମହାପାତ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଆମଣ, ନୂଆଗଡ଼, ନାଗବାଲି, ଖନ୍ଦୋଳ, ନଛିପୁର, ନଖରା, ନୂଆପାଟଣା, ଅନ୍ଧୋଟୀ ଆଦି ଅଞ୍ଚଳରେ ପବିତ୍ର ରଥଯାତ୍ରା ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଛି । ସଦର ଥାନା ଆଇଆଇସି ସୁଧାଂଶୁ ଜେନାଙ୍କ ନେତୃତ୍ୱରେ ପୁଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ପାଗ ଅନୁକୂଳ ଥିବାରୁ ସର୍ବତ୍ର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଦିଲ୍ଲୀ ହାଉଜଖାସ ମନ୍ଦିରରେ ମହାସମାରୋହରେ ରଥଯାତ୍ରା ପାଳନ



ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀର ହାଉଜଖାସ ଭିଲେଜ୍ ସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୪ତମ ପବିତ୍ର ରଥଯାତ୍ରା ପର୍ବ ମହାସମାରୋହରେ ପାଳନ କରାଯାଇଛି । କୋଭିଡ୍ ବାଧକତା ଯୋଗୁଁ ଗତ ଦୁଇବର୍ଷ ହେଲା ରଥଯାତ୍ରା ଉତ୍ସବ କେବଳ ସାଙ୍କେତିକ ଢଙ୍ଗରେ ପାଳନ କରାଯାଉଥିଲା । ଚଳିତ ବର୍ଷ କଟକଣା ଲାଘବ କରାଯାଇଥିବାରୁ ଭକ୍ତଙ୍କ ମଧ୍ୟରେ ରଥଯାତ୍ରାକୁ କେନ୍ଦ୍ର କରି ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଦିଲ୍ଲୀରେ ଦୁଇ ପ୍ରହରରେ ପାଗ କୋହଲା ଥିବାରୁ ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନଙ୍କର ଅସମ୍ଭବ ସମାଗମ ନଜରକୁ ଆସିଥିଲା । ତେବେବି ମନ୍ଦିର ପରିଚାଳନା ସଂସ୍ଥା ଶ୍ରୀ ନୀଳାଚଳ ସେବା ସଂଘ ତରଫରୁ ମାସ୍କ ପିନ୍ଧିବାକୁ ଅନିର୍ବାଜ୍ୟ କରାଯିବା ପାଇଁ ସମସ୍ତ ଆନୁସଙ୍ଗିକ ପଦକ୍ଷେପ ନିଆଯାଇଥିଲା । ମନ୍ଦିରରେ ବଢ଼ି ଭୋରରୁ ଠାକୁର ମାନଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇ ସକାଳ ସାଢେ ୧୧ଟା ବେଳେ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତାପରେ ବଡ଼ ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ୨୫ ଫୁଟ ଉଚ୍ଚ ସୁନ୍ଦର, ସୁରମ୍ୟ ଓ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗର ଗହ ଗହ ନାଦ ତଥା ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହେବାର ଦୃଶ୍ୟ ଖୁବ୍ ମର୍ମସ୍ପର୍ଶୀ ଥିଲା । ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ତଥା ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପରିକ ଢଙ୍ଗରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହା ପରେ ଅପରାହ୍ନ ୨ଟା ୪୫ ମିନିଟରେ ମନ୍ଦିର ସାମ୍ନାର ବଡ଼ ଦାଣ୍ଡରେ ରଥ ଗଡ଼ିବାକୁ ଆରମ୍ଭ କରିଥିଲା । ରଥକୁ ଶ୍ରୀ ଅରବିନ୍ଦ ମାର୍ଗରେ ଅଢେଇ କିମି ଦୂର ଆନସାରି ନଗର ନିକଟକୁ ନିଆଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ାକୁ ଫେରାଇ ଅଣାଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ମହଜୁଦ ଅଗଣିତ ଭକ୍ତ ମାନଙ୍କର ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ, ଠାକୁର ମାନଙ୍କ ଉପର ଫୁଲ ବର୍ଷଣ ଏବଂ ରଥ ବାଡ଼ରେ ନଡ଼ିଆ ଭାଙ୍ଗି ନିଜକୁ କୃତକୃତ୍ୟ ଅନୁଭବ କରୁଥିବା ଏବଂ ବେଶ୍ ଅଭିଭୂତ ହୋଇପଡୁଥିବା ଲକ୍ଷ୍ୟ କରାଯାଇଥିଲା । ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଚାରି ଠାକୁର ରଥ ଉପରେ ବିରାଜମାନ ରହି ସର୍ବସାଧାରଣଙ୍କୁ ଦର୍ଶନ ଦେଇଥିଲେ । ରାତିରେ ପୁଣି ରୋଷଣୀ ଓ କୀର୍ତ୍ତନ କରାଯାଇ ଠାକୁର ମାନଙ୍କୁ ମନ୍ଦିରର ବେସମେଣ୍ଟରେ ଥିବା ମାଉସୀମା ମନ୍ଦିରକୁ ନିଆଯାଇ ସେଠାରେ ରଖାଯାଇଥିଲା । ରଥଯାତ୍ରାର ଧାରାବିବରଣୀ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା ଓ ଡଃ ସରୋଜିନୀ ପାଣି ପ୍ରଦାନ କରିଥିଲେ । ରଥଯାତ୍ରା ଉତ୍ସବରେ ବିଶିଷ୍ଟ ଅତିଥି ଭାବରେ ନୂଆଦିଲ୍ଲୀ ନଗର ନିଗମର ଉପାଧ୍ୟକ୍ଷ ସତୀଶ ଉପାଧ୍ୟାୟ ଏବଂ ବିଧାୟକ ସୋମନାଥ ଭାରତୀ ଯୋଗ ଦେଇଥିଲେ । ସମଗ୍ର ଆୟୋଜନକୁ ସୁଚାରୁ ରୂପେ ପରିଚାଳନା କରିବାରେ ରବୀନ୍ଦ୍ର ନାଥ ପ୍ରଧାନ, ଅଭୟ ପ୍ରଧାନ, ଅଶୋକ ପ୍ରଧାନ(ଏ), କ୍ଷୀରୋଦ ପାତ୍ର, ଗଜେନ୍ଦ୍ର ସାମନ୍ତ, ଅଭିରାମ ସୂତାର, ଅଶୋକ ପ୍ରଧାନ(ବି), ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶିଧ କୁମାର ଦାସ, ରଙ୍କନିଧି ସାହୁ, ରାମଚନ୍ଦ୍ର ଦାସ, ବିଜୟ ସାହୁ, ବିଘ୍ନେଶ୍ୱର ରାଉତ, ଦିଲ୍ଲୀପ କୁମାର ସ୍ୱାଇଁ, କିଶୋର ସାମଲ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଓ ରଶ୍ମି ରଂଜନ ବେହେରା ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।


**ADMISSION OPEN**

**MAHARISHI PLAY SCHOOL**

A Great Place to Grow @ mps

**PLAY GROUP (2+)**

**NURSERY (3+)**

**LKG, UKG, STD-I TO V**



TUITION CLASSES
for Std I to Std V
Timing: 5 PM to 6.30 PM

**FIND THE DIFFERENCE**

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



**MAHARISHI PUBLIC SCHOOL**

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray